ଧରିତ୍ରୀ
DHARITRI

August 17-23, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ



# ଲେନ୍ସରେ ପ୍ରାଣିଜଗତ


ହାତରେ କ୍ୟାମେରା ଧରି
ଜଙ୍ଗଲ ଜଙ୍ଗଲ ଘୁରି ବୁଲନ୍ତି ।
ଲେନ୍ସରେ ଦେଖନ୍ତି ପ୍ରାଣିଜଗତ ।
ଅନେକ ଅପେକ୍ଷା ପରେ ଯେବେ ପାଆନ୍ତି ଏକ
ପରଫେକ୍ଟ ଶଟ୍ ଭୁଲିଯାଆନ୍ତି ସବୁ କଷ୍ଟ। ପାଆନ୍ତି
ଆତ୍ମତୃପ୍ତି । ଏ ହେଉଛି ଜଣେ ୱାଇଲ୍ଡ ଲାଇଫ୍
ଫଟୋଗ୍ରାଫର୍‌ଙ୍କ ଜୀବନ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ଶୁଭ ଅଶୁଭର ସୂଚନା ଦେଉଥିବା କିଛି ଘଟଣା

**ବେଳେବେଳେ ଜୀବନରେ ଘଟୁଥିବା କିଛି ଘଟଣା ଆମକୁ ଭବିଷ୍ୟତରେ ହେବାକୁ ଥିବା ଶୁଭ, ଅଶୁଭର ସଙ୍କେତ ଦେଇଥାଏ। ଯେମିତିକି:**



* ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ହଠାତ୍ କୌଣସି କାଚ ଜିନିଷ ଭାଙ୍ଗିଗଲେ ଏହା ବିପଦ ଟଳିଯିବାର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ବାରବାର କାଚ ଭାଙ୍ଗିବା ନକାରାତ୍ମକ ଊର୍ଜାକୁ ଆକର୍ଷିତ କରିଥାଏ।
* ସେହିପରି କାନ୍ଥଘଣ୍ଟା ମନକୁ ମନ ଖସି ପଡ଼ିବା କିମ୍ବା ଭାଙ୍ଗିଯିବା, ଆଗକୁ କୌଣସି ବିପଦ ଆସୁଥିବାର ସଙ୍କେତ ଦେଇଥାଏ।
* ତୁଳସୀଗଛ ଅଚାନକ ଶୁଖିଗଲେ ; ଏହା ପରିବାର ସଦସ୍ୟଙ୍କର ଦେହ ଖରାପ ହେବାର ସୂଚନା ଦେଇଥାଏ ବୋଲି ବିଶ୍ୱାସ ରହିଛି।
* ବିନା କାରଣରେ ଘରର ବିଦ୍ୟୁତ୍ ବଲ୍‌ଗୁଡ଼ିକ ଧପ୍‌ଧପ୍ ହେଉଥିଲେ ; ଏହା ନକାରାତ୍ମକ ଊର୍ଜାର ସୂଚନା ପ୍ରଦାନ କରିଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଭଗବାନଙ୍କ ଫଟୋ ଅଥବା ପ୍ରତିମୂର୍ତ୍ତି ମନକୁ ମନ ପଡ଼ିଗଲେ ଅଥବା ଭାଙ୍ଗିଗଲେ, ଆଗକୁ କୌଣସି ବଡ଼ ବିପଦ ଆସୁଥିବାର ସୂଚନା ମିଳିଥାଏ।
* ଅନ୍ୟପକ୍ଷେ ଘରର ମୁଖ୍ୟ ଦରଜା ପାଖକୁ ମନକୁ ମନ କୌଣସି ଗାଈ ଆସି ଠିଆହେଲେ, ଏହା ସୌଭାଗ୍ୟପ୍ରାପ୍ତିର ସଙ୍କେତ ଦେଇଥାଏ। କୌଣସି ଶୁଭ ଖବର ଆସିବାର ବି ଏହା ଏକ ମାଧ୍ୟମ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୧୭-୨୩, ୨୦୨୫**

**ମେଷ**
ବୁଦ୍ଧିଜିବୀଙ୍କ ସାନ୍ନିଧ୍ୟ ଲାଭ, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, ଅପ୍ରିୟସତ୍ୟରୁ ଅଶାନ୍ତି, ପାରିବାରିକ ସମସ୍ୟା, କଚେରୀ ମାମଲା ଚିନ୍ତା, ଶିଳ୍ପବାଣିଜ୍ୟରେ ଉନ୍ନତି, ସାହିତ୍ୟାନୁରାଗ, ସାମ୍ବାଦିକତାରୁ ଗୌରବ, ଦୂରଯାତ୍ରା କରିବେ ॥

**ବୃଷ**
ସାଂସ୍କୃତିକ କାର୍ଯ୍ୟକ୍ରମ, ପଡୋଶୀଙ୍କ ବିରୁଦ୍ଧାଚରଣ, କ୍ରୀଡା ଚଳଚ୍ଚିତ୍ରରୁ ସମ୍ମାନ, ନୂତନ ଯାନବାହନ କ୍ରୟ, କଳ କାରଖାନାରେ ସମସ୍ୟା, ନିର୍ମାଣରେ ପ୍ରତିବନ୍ଧକ, ମକଦ୍ଦମାରେ ବିଜୟ, ସରକାରୀ ସହାୟତା, ସନ୍ତାନଙ୍କ କୃତିତ୍ୱ ॥

**ମିଥୁନ**
ନୂତନ କର୍ମାରମ୍ଭ, ପାରିବାରିକ ସହମତି, ବନ୍ଧୁବର୍ଗଙ୍କ ସହାୟତା, ଯାନବାହନରେ ତ୍ରୁଟି, ଦୂରଯାତ୍ରାରେ ବାଧା, ଭ୍ରାତୃସମ୍ପର୍କରେ ଉନ୍ନତି, ବିଦେଶ ଯାତ୍ରାର ସୁଯୋଗ, ପ୍ରକାଶନରେ ବିଳମ୍ବ, ସାଂଗଠନିକ ସଭା, ଗବେଷଣାରେ ଅଗ୍ରଗତି, ଅନୁସନ୍ଧାନରେ ସଫଳତା ॥

**କର୍କଟ**
ପ୍ରତିବନ୍ଧକ ଦୂର ହେବ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଋଣଗ୍ରସ୍ତ ହେବେ, ରୋଗପୀଡା କମିବ, ଆତ୍ମୀୟଙ୍କ ସହଯୋଗ, ରପ୍ତାନୀ ବାଣିଜ୍ୟରେ ଉନ୍ନତି, ପ୍ରଯୁକ୍ତି ବିଦ୍ୟାରେ ସଫଳତା, ଆନୁଷ୍ଠାନିକ ଆଲୋଚନା ॥

**ସିଂହ**
ପାରିବାରିକ ବିଚାର ବିମର୍ଶ, ପରିସ୍ଥିତି ବଦଳିଯିବ, କରଜଦାତାଙ୍କ ଚାପ, ହିତୈଷୀଙ୍କ ପରାମର୍ଶ, ଜମିଜମା କ୍ରୟବିକ୍ରୟ, ଯାନବାହନର ନବୀକରଣ, ନୂତନ ବନ୍ଧୁସମ୍ପର୍କ, ମନୋରଞ୍ଜନର ମଉକା, ସମସ୍ୟା ସୁଧାରିନେବେ ॥

**କନ୍ୟା**
ନିରୁତ୍ସାହିତ ରହିବେ, କର୍ମକ୍ଷେତ୍ରରେ ବିବାଦ, ଉପରିସ୍ଥଙ୍କ କୈଫିୟତ ତଲବ, ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ, ଅଭାବବୋଧ ଦୂର ହେବ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଚୁକ୍ତିପତ୍ର ସ୍ୱାକ୍ଷରିତ, ଶେୟାର ବଜାରରେ ପୁଞ୍ଜି ଲଗାଣ, ରିଏଲ ଇଷ୍ଟେଟ୍ ସମ୍ବନ୍ଧୀୟ ସମସ୍ୟା ॥

**ତୁଳା**
ମାନସିକ ଅସୁସ୍ଥତା, ନିଜ ଲୋକଙ୍କ ଅନାସ୍ଥାଭାବ, ନୀରବ ଜୀବନଯାତ୍ରା, ନୂତନ ପ୍ରକଳ୍ପାରମ୍ଭ, ଯାନ୍ତ୍ରିକ ଜିନିଷ ମରାମତି, ଫାଇଲ୍ କାମର ବହୁଳତା, ସଭା ସମିତିକୁ ନିମନ୍ତ୍ରଣ, ଧାର୍ମିକ କାର୍ଯ୍ୟର ଆଲୋଚନା, ସନ୍ତାନଙ୍କ ବିଶୃଙ୍ଖଳା, ପରୋକ୍ଷ ଶତ୍ରୁତାରୁ ସମସ୍ୟା ॥

**ବିଛା**
ସମ୍ପର୍କରେ ଭଟ୍ଟା ପଡିବ, ମାନସିକ ଦୁଃଶ୍ଚିନ୍ତା ବୃଦ୍ଧି, କର୍ମକ୍ଷେତ୍ରରେ ନୂତନ ଦିଗନ୍ତ, ସୃଜନଶୀଳ ସାହିତ୍ୟରୁ ପ୍ରଶଂସା, ଶାସ୍ତ୍ରୀୟ ସଙ୍ଗୀତରେ ଅନୁରାଗ, ଜମିଜମା ବିବାଦ, ପାରିବାରିକ ସୌଖ୍ୟ, ସତ୍‌ସଙ୍ଗର ସୁଯୋଗ, ବୈବସାୟିକ ଉତ୍କର୍ଷ, ବକେୟାପ୍ରାପ୍ତିରେ ବାଧା ॥

**ଧନୁ**
ବିବାଦୀୟ ଚିନ୍ତାଧାରା, ପାରିବାରିକ ମତାନ୍ତର, ବିପର୍ଯ୍ୟସ୍ତ କର୍ମ, ବନ୍ଧୁବର୍ଗଙ୍କ ପରାମର୍ଶ, ନୂତନ ମୈତ୍ରୀ, ପକ୍ଷପାତିତାରୁ ସମାଲୋଚନା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥


**ମକର**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଅଧସ୍ତନଙ୍କ କୃତଜ୍ଞତା, ସାମାଜିକ ସମ୍ମାନ, ଆର୍ଥିକ ଅନଟନ, ବ୍ୟାଙ୍କ ଲୋନ୍ କରିପାରନ୍ତି, ଯୋଗଶିକ୍ଷାରେ ଆଗ୍ରହ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ଉତ୍ସାହଜନକ କର୍ମକ୍ଷେତ୍ର, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, କଚେରୀ ମାମଲାରୁ ଦୁଃଶ୍ଚିନ୍ତା ॥

**କୁମ୍ଭ**
ମାନସିକ ଅସ୍ଥିରତା, ରୁକ୍ଷ ବ୍ୟବହାରରୁ କଳହ, ସମସ୍ୟାକୁ ନିମନ୍ତ୍ରଣ କରିବେ, ଅର୍ଥ ସମ୍ପର୍କୀୟ ସମସ୍ୟା, ଅଫିସିଆଲି କାମର ଚାପ, ନିର୍ମାଣରେ ଦ୍ୱନ୍ଦ୍ୱ, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ଅପ୍ରୀତିକର ପରିସ୍ଥିତିର ସାମନା ॥

**ମୀନ**
ବିପଦମୁକ୍ତ ହେବେ, ସଠିକ୍ ନିଷ୍ପତ୍ତିରୁ ପ୍ରଶଂସା, ବନ୍ଧୁମାନେ ପାଖେଇ ଆସିବେ, ଗଠନମୂଳକ କର୍ମାରମ୍ଭ, ନିଜ ପରିସରରେ ପ୍ରତିଷ୍ଠା, କଳାସାହିତ୍ୟରେ ଆଗ୍ରହ, ଆଇନ ସହାୟତା ପ୍ରାପ୍ତି, ସମସ୍ୟା ସମାଧାନ, ସଭାସମିତିକୁ ଆହ୍ୱାନ, ସମାଲୋଚିତ ହୋଇପାରନ୍ତି ॥

## ଜୀବନରେ ସ୍ଥିରତା ଆଣିବାକୁ ଚାହୁଁଥିଲେ

**ଜୀ**ବନରେ ସ୍ଥିରତା କାହାକୁ ବା ଭଲ ନ ଲାଗେ। କେବଳ ଯେ, ଟଙ୍କା ରୋଜଗାର କରିଦେଲେ, ଭଲ ମନ୍ଦ ଖାଇଲେ କି ନୂଆ ନୂଆ ଡ୍ରେସ୍ ପିନ୍ଧିଲେ ମାନସିକ ଶାନ୍ତି ମିଳିଯିବ କି ମନ ଖୁସିରେ ରହିବ ସେ କଥା ଭାବିବା ଠିକ୍ ନୁହେଁ। ଏମିତି ବି କିଛି ଛୋଟ ମୋଟ କାର୍ଯ୍ୟ ରହିଛି ; ଯାହାକୁ ନିତିଦିନ କରିବା ଦ୍ୱାରା ମନ ପ୍ରଫୁଲ୍ଲିତ ରହିବା ସହ ଜୀବନରେ ସ୍ଥିରତା ଆସିଥାଏ। ଯେମିତିକି ସକାଳୁ ଉଠୁ ଉଠୁ ଭୂମିକୁ ପ୍ରଥମେ ପ୍ରଣାମକରି ତା'ପରେ ତଳେ ପାଦ ରଖିବେ। ଏହାଦ୍ୱାରା ପୃଥ୍ୱୀ ମା'କୁ ସମ୍ମାନ ମିଳେ ; ଆଉ ଯାହାର ଫଳସ୍ୱରୂପ ଜୀବନରେ ଖୁସି ଭରିଯାଏ ବୋଲି ବିଶ୍ୱାସ କରାଯାଏ। ସକାଳୁ ଖାଲି ପାଦରେ କିଛି ସମୟ ଘାସ ଉପରେ ଚାଲିଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ଦିନଯାକ ଫ୍ରେଶ୍ ଅନୁଭବ ହୁଏ। ମାଠିଆରେ ଥିବା ପରିଷ୍କାର ପାଣି ପିଇବା ଦ୍ୱାରା ବି ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ



ହୋଇଥାଏ। ସେହିପରି ପ୍ରତିଦିନ ସୂର୍ଯ୍ୟ ନମସ୍କାର କରିବା ବି ଅନେକ ସୁଫଳ ପ୍ରଦାନ କରିଥାଏ। ପ୍ରତ୍ୟହ ହନୁମାନ ଚାଳିଶା ପଢ଼ିବା ସହ ଘରର ଗୁରୁଜନଙ୍କୁ ପ୍ରଣାମକଲେ ବି ଜୀବନରେ ସ୍ଥିରତା ଆସିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଗରିବ ଲୋକଙ୍କୁ ଥଟ୍ଟାମଜା ନ କରି ନିଜ ସାଧ୍ୟମତେ ସେମାନଙ୍କୁ ସାହାଯ୍ୟକଲେ ବି ଜୀବନରେ ଖୁସି ଆସିଥାଏ ବୋଲି ବି ଜ୍ଞାନୀଗୁଣୀ ବ୍ୟକ୍ତିମାନେ ମତ ଦେଇଥାନ୍ତି।

## ପାଠକୀୟ

* ଓଡ଼ିଶାର ବୀର ପାଇକ ଇଂରେଜଙ୍କ ଅତ୍ୟାଚାରକୁ ମୁଣ୍ଡପାତି ସହିବାକୁ କୌଣସି ପ୍ରକାରେ ପ୍ରସ୍ତୁତ ନ ଥିଲେ। ବିଦ୍ରୋହର ବହ୍ନି ଜଳିଉଠିଲା, ଯେଉଁଠୁ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହର ସ୍ୱର। ଯେଉଁ ସ୍ୱର କେବଳ ଓଡ଼ିଶାରେ ସୀମିତ ନ ରହି ପରବର୍ତ୍ତୀ ସମୟରେ ସାରା ଦେଶର ସ୍ୱର ପାଲଟିଯାଇଥିଲା। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ପାଇକ ବିଦ୍ରୋହର ସ୍ୱର' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।
  — *ରୂପେଶ ଶତପଥୀ, ଫୁଲବାଣୀ*
* ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ପାଇକ ବିଦ୍ରୋହର ସ୍ୱର' ଏକ ନିଆରା ତଥା ମନଛୁଆଁ ଆଲେଖ୍ୟ ଥିଲା। 'ସନ୍ଥ ଓ ରାଜାଙ୍କ ବନ୍ଧୁତାର କଥା' ଶୀର୍ଷକ ଆଲେଖ୍ୟଟିରୁ ବି ଅନେକ ନୂଆ କଥା ଜାଣିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଆଧ୍ୟାତ୍ମିକବାଦୀ, ସମାଜସେବୀ, ଶିକ୍ଷାବିତ୍, ଅର୍ଥନୀତିଜ୍ଞ ଡ.ଅଭୟ ନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। — *ଧରଣୀଧର ଖୁଣ୍ଟିଆ, କଟକ*
* ସୃଜନ ପୃଷ୍ଠାରେ ସ୍ଥାନିତ 'ଅଭାବ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠା ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ବବିଙ୍କ ସନ୍‌ଗ୍ଲାସ୍ ନିଶା', 'ଟେନ୍‌ସନରେ ଅନୁଷ୍କା', 'ଭିନ୍ନ ଅବତାରରେ ମନୁ' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ଲେଖିକା ବେବୀଲତା ଶତପଥୀଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ପ୍ରେରଣାଦାୟୀ ହୋଇଥିଲା।
  — *ମନୋଜ ସ୍ୱାଇଁ, କେନ୍ଦ୍ରାପଡ଼ା*
* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରେଣ୍ଡି ରାଖୀ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଐତିହାସିକ ଦୁର୍ଗ ଡମପଡ଼ା ଗଡ଼' ଏକ ନିଆରା ଆଲେଖ୍ୟ ଥିଲା। ସହରଠୁ ଦୂର ପୃଷ୍ଠାରୁ 'ବଡ଼କୋଟ' ସମ୍ପର୍କରେ ବହୁ ନୂଆ ନୂଆ କଥା ଜାଣିହେଲା। ବିବିଧା ପୃଷ୍ଠାରୁ 'ବନ୍ଧୁତା ଦିବସ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା।
  — *ଜୟନ୍ତୀ ଦାଶ, କାକଟପୁର*
* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଅଧିନାୟକ ଜୟ ହୋ' ଶୀର୍ଷକ ପାଠଟି ଏକ ନିଆରା ତଥା ହୃଦୟଛୁଆଁ ଆଲେଖ୍ୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମ୍ୟୁଜିକାଲ ବିଲ୍ଡିଂ', 'ସବୁଠୁ ଛୋଟ ହୋଟେଲ', 'ଉଲ୍ କାରିଗରିର ରେକର୍ଡ' ଆଦି ପାଠ ବି ଆଶ୍ଚର୍ଯ୍ୟକର ଲାଗିବା ସହ ତଥ୍ୟପୂର୍ଣ୍ଣ ହୋଇଥିଲା। — *ରଶ୍ମିତା ସାହୁ, କେନ୍ଦୁଝର*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦରେ ଥିଲା
ପାଇକ ବିଦ୍ରୋହର ସ୍ୱର,
ନିଆରା ହେବା ସହ
କିଣୁଥିଲା ମନ ସଭିଙ୍କର।
ତା'ସାଙ୍ଗକୁ ସୁନ୍ଦର ଥିଲା
ତୁମ ପ୍ରଥମ ରୋଜଗାର,
ଆହୁରି ଭଲ ଲାଗୁଥିଲା
ତୁମ ସହରଠୁ ଦୂର।
ହେ ମୋର ପ୍ରିୟ ଛୁଟିଦିନ
ସବୁବେଳେ ଲାଗ ତୁମେ ନୂତନ।
**—ରମେଶ ପାଣିଗ୍ରାହୀ, ପିପିଲି**

**ଧରିତ୍ରୀ ଛୁଟିଦିନ** **ସମ୍ପାଦକ: ତଥାଗତ ସତପଥୀ**

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


ପ୍ରଫୁଲ୍ଲ ଚନ୍ଦ୍ର ଧୀର

# ଲେନ୍ସରେ ପ୍ରାଣିଜଗତ

**ହାତରେ କ୍ୟାମେରା ଧରି ଜଙ୍ଗଲ ଜଙ୍ଗଲ ଘୁରି ବୁଲନ୍ତି । କେବେ ବୁଦା ଭିତରେ ତ କେବେ ପାଣି ଭିତରେ, ପୁଣି କେବେ ଗଛ ଉପରେ ଡେରା ବାନ୍ଧନ୍ତି । କ୍ୟାମେରା ଲେନ୍ସରେ ଦେଖନ୍ତି ଜଙ୍ଗଲ ଦୁନିଆକୁ । ଅପେକ୍ଷା କରି ଚାଲନ୍ତି । ଶେଷରେ ଯେବେ ପାଆନ୍ତି ଏକ ପରଫେକ୍ଟ ଶଟ୍ ଭୁଲିଯାଆନ୍ତି ସବୁ କଷ୍ଟକୁ, ପାଆନ୍ତି ଆତ୍ମତୃପ୍ତି । ଏ ହେଉଛି ଜଣେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍‌ଙ୍କ ଜୀବନ...**


ସହରର କୋଳାହଳଠୁ ବହୁ ଦୂରରେ ଘଞ୍ଚ ଜଙ୍ଗଲରେ ଏମାନେ ଘୂରିବୁଲନ୍ତି । ହାତରେ ଥାଏ କ୍ୟାମେରା । ହିଂସ୍ର ବନ୍ୟପ୍ରାଣୀଙ୍କର ଭୟ ବି ସେମାନଙ୍କ ପାଦକୁ ଅଟକାଇ ପାରେନା । ଲେନ୍ସରେ ଦେଖନ୍ତି ପ୍ରାଣୀଜଗତ । କେବେ ଘଣ୍ଟା ଘଣ୍ଟା ତ ଆଉ କେବେ ଦିନ ଦିନର ଅପେକ୍ଷା ଓ ଭୋକ ଉପାସ ପରେ ବନ୍ୟପ୍ରାଣୀଙ୍କର ଏକ ସୁନ୍ଦର ମୁହୂର୍ତ୍ତକୁ କ୍ୟାମେରାରେ ଆବଦ୍ଧ କରନ୍ତି । ଆଉ ସେଇଥିରୁ ହିଁ ସେମାନଙ୍କୁ ମିଳେ ଆତ୍ମତୃପ୍ତି ଓ ଜୀବନର ସାର୍ଥକତା । ଏ ହେଉଛି ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କ ଜୀବନ କାହାଣୀ । ପ୍ରକୃତି ଓ ତା' କୋଳରେ ଥିବା ବିବିଧ ପ୍ରାଣୀଙ୍କ ପାଇଁ ନିଜ ଜୀବନକୁ ସମର୍ପି ଥିବା ଓଡ଼ିଶାର କେତେଜଣ ଖ୍ୟାତନାମା ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫରଙ୍କ କଥା ଏଥରର ପ୍ରଚ୍ଛଦରେ...

**ଏବେ ବି ମତେ ପ୍ରକୃତି ଡାକେ: ପ୍ରଫୁଲ୍ଲ ଚନ୍ଦ୍ର ଧୀର**

ପ୍ରକୃତିକୁ ଭଲ ପାଆନ୍ତି ସେ, ପ୍ରକୃତିର ପ୍ରତ୍ୟେକ ସୌନ୍ଦର୍ଯ୍ୟକୁ ନିଜ କ୍ୟାମେରାରେ ଆବଦ୍ଧ କରି ସାଇତି ରଖିବାକୁ ପ୍ରୟାସ କରନ୍ତି । ପ୍ରକୃତି ପ୍ରତି ତାଙ୍କର ଏଇ ଭଲ ପାଇବା ହିଁ ତାଙ୍କୁ ଜଣେ ସୁପ୍ରସିଦ୍ଧ ନେଚର୍ ଓ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍ ଭାବେ ଗଢି ତୋଳିଲା । ସେ ହେଉଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫଟୋଗ୍ରାଫର **ପ୍ରଫୁଲ୍ଲ ଚନ୍ଦ୍ର ଧୀର** । ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବାରେ ସେ ଏତେ ଦକ୍ଷ ଯେ, କେନ୍ଦ୍ର ଲଳିତ କଳା ଏକାଡେମୀ ସହ ଦୁଇଥର ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ୨୦୦ରୁ ଊର୍ଦ୍ଧ୍ୱ ଜାତୀୟ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ସେ କୁହନ୍ତି, ' ଆମ ଘର ଅବିଭକ୍ତ କଟକ ଜିଲା ତଥା ବର୍ତ୍ତମାନର ଯାଜପୁର ଜିଲାର ଗଡ଼ମଧୁପୁରରେ । ବାପା ନୀଳମଣି ଧୀର ଓ ମା' ଶକୁନ୍ତଳା । ପଢା ସରିବା ପରେ ମୁଁ ବୁର୍ଲାରେ ଚାକିରି କଲି । ସେଠି ଜଣେ ବନ୍ଧୁ ଯେକି ବୁର୍ଲା ମେଡିକାଲ କଲେଜରେ ଆର୍ଟିଷ୍ଟ କମ୍ ଫଟୋଗ୍ରାଫର ଭାବେ ଚାକିରି କରୁଥିଲେ ତାଙ୍କୁ ଏକ କୋଡାକ ବ୍ରାଉନିଂ କ୍ୟାମେରା ଦିଆଯାଇଥାଏ । ହେଲେ ସେ ଫଟୋଗ୍ରାଫି ବିଷୟରେ କିଛି ଜାଣି ନ ଥିଲେ । ସେହି କ୍ୟାମେରାରେ ମୁଁ ବ୍ଲାକ ଆଣ୍ଡ ହ୍ୱାଇଟ ରିଲ୍ ପକାଇ ଫଟୋ ଉଠାଇବା ଆରମ୍ଭ କଲି । ଏହାପରେ ରେଲୱେରେ ମୋର ଚାକିରି ହେଲା । ବିଳାସପୁର ଚାଲିଆସିଲି । ମୁଁ ଯେଉଁ ହୋଟେଲରେ ସବୁଦିନ ଖାଉଥିଲି ତା'ପାଖରେ ଏକ ଷ୍ଟୁଡିଓ ଥିଲା । ସେଠି ମୁଁ ସବୁଦିନ ଯାଇ ବସିଲି । ମତେ ଦେଖି ଷ୍ଟୁଡିଓ ମାଲିକ କହିଲେ ତମେ ଫଟୋଗ୍ରାଫି ଶିଖିବାକୁ ଚାହୁଁଛ କି ? ମୁଁ ସଙ୍ଗେ ସଙ୍ଗେ ହଁ କଲି । ସେ ମତେ ଶିଖାଇଲେ । ଷ୍ଟୁଡିଓରେ ଅନେକ ସମୟ ବିତାଇଲି । ଫଟୋଗ୍ରାଫି ଉପରେ ଥିବା ବହି ପଢିଲି । ପଢୁଥିବା ସବୁ କଥାକୁ ଷ୍ଟୁଡିଓରେ ଥିବା କ୍ୟାମେରା ଉପରେ ପରୀକ୍ଷା କରୁଥିଲି । ଏମିତିରେ ମୁଁ ମୋ ନିଜକୁ ଫଟୋଗ୍ରାଫର ଭାବେ ଗଢିଲି । ଏହାପରେ ମୋର ବଦଳି ଜଟଣୀକୁ ହେଲା । ଫଟୋଗ୍ରାଫିର ସଉକ ମନରେ ଭରିରହିଥିଲା ହେଲେ ପାଖରେ କ୍ୟାମେରା ନ ଥିଲା । ଏହା ଦେଖି ମୋ ସ୍ତ୍ରୀ ନିଜର ସୁନାଚୁଡି ବିକି ଦେଇଥିଲେ । ଆଉ ସେ ଟଙ୍କାରେ ମୁଁ ଏକ ପୁରୁଣା କ୍ୟାମେରା କିଣିଥିଲି, ଯାହାର ମୂଲ୍ୟ ଥିଲା ୨୫୦ ଟଙ୍କା । ଏହାପରେ ଫଟୋ ଉଠାଇ ମୁଁ ବିଭିନ୍ନ ଖବରକାଗଜ ଓ ପତ୍ର ପତ୍ରିକାକୁ ଫଟୋ ପଠାଇଲି । ପ୍ରଥମ ଫଟୋ ଯେତେବେଳେ ପ୍ରକାଶ ପାଇଲା ଖୁସିର ସୀମା ରହିଲାନି । ଏହାପରେ ମୋର ଏକ ଫଟୋ ବଙ୍ଗଳା ପତ୍ରିକା 'ନବକଲ୍ଲୋଳ'ରେ ପ୍ରକାଶ ପାଇଲା । ପରେ ଇଲୁଷ୍ଟ୍ରେଟେଡ ଉଇକ୍‌ଲି ଅଫ ଇଣ୍ଡିଆ, ସ୍ୱରାଜ, କାରଭାନ୍ ପରି ଇଂଲିଶ ପତ୍ରିକା ଏବଂ ହିନ୍ଦୀ, ବଙ୍ଗଳା, ତେଲଗୁ, କନ୍ନଡ ଆଦି ଭାଷାର ଖବରକାଗଜ ଓ ପତ୍ରପତ୍ରିକାରେ ମୋର ଫଟୋ ପ୍ରକାଶ ପାଇଲା । ୧୯୬୯ରେ କିନ୍ତୁ ମତେ ମିଳିଲା ବଡ଼ ସଫଳତା । ୟୁନେସ୍କୋ ଜାପାନରେ ୱାଟର ଆଣ୍ଡ ଲାଇଫ୍ ବିଷୟକୁ ନେଇ ଏକ ପ୍ରତିଯୋଗିତା ହେଉଥାଏ । ସେଥିରେ ମୁଁ ରାଜସ୍ଥାନର ଜଳସଂକଟ ଉପରେ ଉଠାଇଥିବା ଫଟୋ ପଠାଇଲି । ଆଉ ଖୁସିର କଥା ଭାରତରୁ କେବଳ ମୋ ଫଟୋ ହିଁ ଚୟନ କରାଯାଇଥିଲା, ଯାହାକି ସେ ବର୍ଷ ୟୁନେସ୍କୋ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ପାଇଲା । ଏହି ଆର୍ଟ ଫଟୋଗ୍ରାଫି ବାଦ୍ ନ୍ୟୁଜ୍ ଫଟୋଗ୍ରାଫି ବି କରିଛି । ଏ ସମୟରେ ଅନେକ ଲୋମଟାଙ୍କୁରା ଘଟଣାକୁ କ୍ୟାମେରାରେ କଏଦ କରିଛି । ଏସବୁ ଫଟୋଗ୍ରାଫି କରିବା ପରେ ବି ମନରେ ଟିକେ ଅବସୋସ ରହୁଥିଲା । ଆଉ ତାହା ଦୂର ହେଲା ବନ୍ୟପ୍ରାଣୀଙ୍କ ଫଟୋଗ୍ରାଫି କରି । ଜଙ୍ଗଲ ଜଙ୍ଗଲ ବୁଲି ବନ୍ୟପ୍ରାଣୀଙ୍କର ଅନେକ ବିରଳ ଫଟୋ ଉଠାଇଲି । ସେଥିରୁ ଖୁସି ସହ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ମିଳିଲା । ମୋର ଏକ ସିରିଜ ଫଟୋ 'ସ୍ନେକ ଇଟ୍‌ସ ସ୍ନେକ' ବେଶ୍ ଚର୍ଚ୍ଚାକୁ ଆସିଥିଲା । ଘଟଣାଟି ଥିଲା ଏମିତି– ଥରେ ମୋ ନଜରକୁ ଆସିଲା ଗୋଟେ ସାପ ଆଉ ଏକ ସାପକୁ ଗିଳୁଛି । ଏଭଳି ଦୃଶ୍ୟ ବେଶ୍ ବିରଳ । ତାକୁ କଏଦ କରିବା ପାଇଁ ମୁଁ ସାପର ପୂରା ନିକଟକୁ ପଳାଇଥିଲି । ମୁଁ ଜାଣିଥିଲି ଏ ହେଉଛି ଏମିତି ଏକ ମୁହୂର୍ତ୍ତ ଯେତେବେଳେ ଉଭୟ ସାପ ମୋର କିଛି କ୍ଷତି କରିପାରିବେନି । ଏହି ସୁଯୋଗର ଫାଇଦା ଉଠାଇ ପୂରା ପାଖକୁ ଯାଇ ସାପର ମୁଣ୍ଡରୁ ଲାଞ୍ଜ ଯାଏ ଗିଳି ସାପଟି ହାଇ ମାରିବା ପର୍ଯ୍ୟନ୍ତ ଫଟୋ ଉଠାଇଲି । ଏହି ଫଟୋ ବମ୍ବେର ଇଲେକ୍ଟେଡ ଉଇକ୍‌ଲି ଅଫ୍ ଇଣ୍ଡିଆ ପତ୍ରିକାରେ ପ୍ରକାଶ ପାଇଥିଲା, ଯାହାକି ସେ ସମୟର ଭାରତର ଏକ ସୁପ୍ରସିଦ୍ଧ ପତ୍ରିକା ଥିଲା । ଏହା ପ୍ରାୟ ୨୫ ବର୍ଷ ତଳର କଥା । ଏହାପରେ ମୁଁ ହିମାଳୟ ପାହାଡ଼ଠୁ ଆରମ୍ଭ କରି ଲଦାଖ, ବିସ୍ତୀର୍ଣ୍ଣ ମରୁଭୂମି ସବୁଆଡ଼େ ବୁଲି ଫଟୋ ଉଠାଇଛି । ଘଣ୍ଟା ଘଣ୍ଟା ଏମିତିକି ଦିନ ଦିନ ଅପେକ୍ଷା କରି ବନ୍ୟପ୍ରାଣୀଙ୍କର

→






ଅନେକ ଫଟୋ ଉଠାଇଛି। ଏବେ ମତେ ବୟସ ପ୍ରାୟ ୮୬ ବର୍ଷ। ତଥାପି ମନରୁ ମୋର ଫଟୋଗ୍ରାଫିର ନିଶା ଯାଇନି। ହାତରେ କ୍ୟାମେରା ଧରି ଫଟୋ ଉଠାଇବାକୁ ଏବେବି ବିଭିନ୍ନ ସ୍ଥାନକୁ ଯାଉଛି। ମୋ ପୁଅ ବି ଜଣେ ଫଟୋଗ୍ରାଫର। ସେ ନ୍ୟୁଜ ଫଟୋଗ୍ରାଫି ସହ ୱାଇଲ୍ଡ ଲାଇଫ ଫଟୋଗ୍ରାଫି କରେ। ଧର୍ମପତ୍ନୀ ଆରପାରିକୁ ଚାଲିଗଲେଣି। ଏ ବୟସରେ ନିଃସଙ୍ଗତା ଭାରି କଷ୍ଟ ଦିଏ। ହେଲେ ମୋ ଫଟୋଗ୍ରାଫିର ନିଶା ମତେ ଜିଇବାର ରାହା ଦେଉଛି।' ଜୀବନରେ ଅର୍ଜନ କରିଥିବା ସଫଳତା ପାଇଁ ପ୍ରଫୁଲ୍ଲ ଚନ୍ଦ୍ର ଫେଡେରେଶନ୍ ଅଫ୍ ଇଣ୍ଡିଆନ ଫଟୋଗ୍ରାଫି, ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫଟୋଗ୍ରାଫି କାଉନ୍ସିଲ ଓ କ୍ୟାମେରା ସୋସାଇଟି ଅଫ ଓଡ଼ିଶାରେ କର୍ମକର୍ତ୍ତା ଅଛନ୍ତି। ଓଡ଼ିଶା ଫାଉଣ୍ଡେଶନ ଅଫ୍ ଆର୍ଟର ଜଣେ ପ୍ରତିଷ୍ଠାତା ସଭ୍ୟ ଥିବାବେଳେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଫଟୋଗ୍ରାଫିର ସେ ପ୍ରକୃତି ଓ ବନ୍ୟପ୍ରାଣୀ ବିଭାଗର ଦାୟିତ୍ୱରେ ମଧ୍ୟ ଅଛନ୍ତି।

## ଆରମ୍ଭରୁ ଥିଲା ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ସହ ସେମାନଙ୍କ ସଂରକ୍ଷଣ କରିବାର ନିଶା–ଆଦିତ୍ୟ ପଣ୍ଡା

ପିଲାଟି ଦିନରୁ ତାଙ୍କର ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ପ୍ରତି ସଉକ ଥିଲା। ଏ ସମ୍ପର୍କିତ ଅନେକ ବହି ପଢୁଥିଲେ। ଆଉ ସ୍ୱପ୍ନ ଦେଖୁଥିଲେ ଦିନେ ସେ ବି ୱାଇଲ୍ଡ ଲାଇଫ ଫଟୋଗ୍ରାଫର୍ ହେବେ। ତାଙ୍କର ଏହି ଆଗ୍ରହ ଦେଖି ଦିନେ ତାଙ୍କ ବାପା ତାଙ୍କ ହାତରେ ଧରେଇ ଦେଲେ ଏକ ରିଲ୍ ଥିବା କ୍ୟାମେରା। ସେତେବେଳେ ତାଙ୍କୁ ବୟସ ୧୫ କି ୧୬ ବର୍ଷ ହୋଇଥିବ। ଆଉ ସେଇଠୁ ଆରମ୍ଭ ହେଲା ତାଙ୍କର ପ୍ରାରମ୍ଭିକ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି। ଏବେ ସେ ଭାରତ ଓ ଭାରତ ବାହାରର ଜଙ୍ଗଲରେ ଘୂରି ବୁଲୁଛନ୍ତି। ଆଉ ନିଜ କ୍ୟାମେରାରେ ବନ୍ୟପ୍ରାଣୀଙ୍କର ବିଭିନ୍ନ ବିରଳ ମୁହୂର୍ତ୍ତକୁ କଏଦ କରୁଛନ୍ତି। ସେ ହେଉଛନ୍ତି ଜଣାଶୁଣା ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର **ଆଦିତ୍ୟ ପଣ୍ଡା**। ସେ କୁହନ୍ତି, 'ବାପା ଦେଇଥିବା କ୍ୟାମେରାରୁ ମୋର ଫଟୋଗ୍ରାଫି ଆରମ୍ଭ ହେଇଥିଲା। ସେତେବେଳେ ଫଟୋଗ୍ରାଫି ବେଶ୍ ମହଙ୍ଗା ଥିଲା। ତଥାପି ଏଥିପ୍ରତି ମୋର ଆଗ୍ରହ କମି ନ ଥିଲା। ନିଜେ ବିଭିନ୍ନ ବହି ପଢି, ଅନୁଭବୀ ଫଟୋଗ୍ରାଫରଙ୍କଠୁ ପଚାରି ବୁଝି ଫଟୋଗ୍ରାଫି ଶିଖୁଥିଲି। ସେ ସମୟରେ ଆମ ଦେଶରେ ୱାଇଲ୍ଡ ଲାଇଫ୍ ଟୁରିଜମ୍‌ର ବିଶେଷ ଅଗ୍ରଗତି ହୋଇ ନ ଥିଲା। ୨୦୦୪–୦୫ ବେଳକୁ କିନ୍ତୁ ୱାଇଲ୍ଡ ଲାଇଫ୍ ଟୁରିଜମ୍ ଗ୍ରୋ ହେବାକୁ ଲାଗିଲା। ମନରେ ଆଶା ସଞ୍ଚାର ହେଲା। ବିଭିନ୍ନ ଲୋକଙ୍କ ସହ କଣ୍ଟାକ୍ଟ କଲି। ୨୦୦୬ରେ ଯେବେ ମତେ ୨୦ ବର୍ଷ ବୟସ ଦିଲ୍ଲୀ, ରନ୍ଥମ୍ବର ଫାଉଣ୍ଡେଶନର 'ଟାଇଗର୍ ଲିଙ୍କ' ନାମକ ମାଗାଜିନ୍‌ରେ ଚାକିରି କଲି। ବାଘକୁ ନେଇ ବିଭିନ୍ନ ଖବର, ନୂଆ ନିୟମ, ସଂରକ୍ଷଣ ଆଦି ଏହି ମାଗାଜିନ୍‌ରେ ପ୍ରକାଶ ପାଉଥିଲା। ବାଘ ସଂରକ୍ଷଣ ପାଇଁ କାମ କରୁଥିଲି ସତ ହେଲେ ଅଫିସ୍‌ର ଚାରିକାନ୍ଥ, ଟେବୁଲ ଓ ଲାପଟପ୍ ଭିତରେ ବାନ୍ଧି ହୋଇ। ମତେ ବଣଜଙ୍ଗଲରେ ବୁଲି ବନ୍ୟପ୍ରାଣୀଙ୍କ ସଂରକ୍ଷଣ କାମ କରିବାକୁ ଇଚ୍ଛା ଥିଲା। ତେଣୁ ସେ ଚାକିରି ଛାଡିଲି। ଏହାପରେ ଦୁଇବର୍ଷ କାହ୍ନା ଟାଇଗର ରିଜର୍ଭର ସଫାରୀ ଲଜ୍‌ରେ ନାଚୁରାଲିଷ୍ଟ ଭାବେ କାମ କଲି। ମତେ ସବୁଦିନ ଜଙ୍ଗଲ ଯିବାର ସୁଯୋଗ ମିଳିଲା। ବାଘ ବି ଦେଖିଲି। କାମ କରିବା ଭିତରେ ମୁଁ ଭାବିଲି ପୂରା ସମୟ ତ ଏଠି ବିତିଯାଉଛି। ଓଡ଼ିଶା ପାଇଁ କିଛି କରିପାରୁନି। ଓଡ଼ିଶାରେ ବାଘ ସଂଖ୍ୟା କମିବାକୁ ଲାଗିଛି। ତାକୁ ବଢାଇବାକୁ ହେବ। ଏମିତିରେ ଦିଲ୍ଲୀର ଜଣେ ସାଙ୍ଗ ଯେ କି ୱାଇଲ୍ଡ ଲାଇଫ ଫିଲ୍ମ ପ୍ରଡକ୍ସନ ଓ ୱାଇଲ୍ଡ ଲାଇଫ୍ ଟୁରିଜମ୍‌ରେ କାମ କରୁଥିଲେ ସେ କହିଲେ କାହ୍ନାର ଚାକିରି ଛାଡ଼। ଆମେରିକାର ଏକ ଭଲ କମ୍ପାନୀ ଅଛି, ସେଠି ୱାଇଲ୍ଡ ଲାଇଫ୍ ଏକ୍ସପେଡିଶନ୍ ଲିଡିଂ କାମ କର। ଭଲ ରୋଜଗାର ସହ ଓଡ଼ିଶା ପାଇଁ ବି କାମ କରିବାକୁ ସମୟ ମିଳିବ। କାରଣ ଏଥିରେ ବର୍ଷର କେବଳ ୧୦୦–୧୫୦ ଦିନ ବିଭିନ୍ନ ବଣଜଙ୍ଗଲକୁ ଯାତ୍ରା କରିବାକୁ ହେବ। ଅନ୍ୟ ଦିନରେ ଓଡ଼ିଶାରେ ରହିହେବ। କୌଣସି ଗୋଟିଏ ଜାଗାରେ ବାନ୍ଧି ହୋଇ ରହିବାକୁ ପଡ଼ିବନି। ସେହି କମ୍ପାନୀ ସହ ଯୋଗାଯୋଗ କରି ୱାଇଲ୍ଡ ଲାଇଫ୍ କନଜର୍‌ଭେଶନ୍ ଓ ନାଚୁରାଲ ହିଷ୍ଟ୍ରି ଉପରେ କାମ କରିବା ଆରମ୍ଭ କଲି। ଏକ୍ସପେଡିଶନ୍ ଲିଡ୍ କଲି। ଏହି କମ୍ପାନୀ ମାଧ୍ୟମରେ ବିଦେଶରୁ ବନ୍ୟଜନ୍ତୁଙ୍କୁ ଭଲ ପାଉଥିବା ଅନେକ ପର୍ଯ୍ୟଟକ ଭାରତକୁ ଆସନ୍ତି। ସେମାନଙ୍କୁ ବିଭିନ୍ନ ଜଙ୍ଗଲ ବୁଲାଇ ବନ୍ୟପ୍ରାଣୀ ଦେଖାଇବା, ସେମାନଙ୍କୁ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ଶିଖାଇବା ଓ ଭାରତର ବନ୍ୟପ୍ରାଣୀଙ୍କୁ ନେଇ ଭଲ ଅନୁଭୂତି ଦେବା କାମ କଲି, ଯାହାକି ଏବେ ବି ଚାଲୁ ରହିଛି। ଶୀତଦିନେ, ଖରାଦିନେ ବେଶି ଟୁର୍‌ରେ ଯାଏ। ବର୍ଷାଦିନ ଅଫ୍ ସିଜନ୍ ଥାଏ। ତେଣୁ ସେହି ସମୟରେ ଓଡ଼ିଶାରେ ରହେ। ଫଳରେ ଓଡ଼ିଶାର ବନ୍ୟଜନ୍ତୁଙ୍କ ପାଇଁ କାମ କରିବାକୁ ସମୟ ପାଇଲି। ଓଡ଼ିଶାର ଫରେଷ୍ଟ ଡିପାର୍ଟମେଣ୍ଟ ସହ ମିଶି କାମ କରୁଛି। ପ୍ରଥମେ ମୁଁ ଅନୁଗୋଳର ଅନରାରୀ ୱାଇଲ୍ଡ ଲାଇଫ୍ ୱାର୍ଡନ ଥିଲି। ଏବେ ଷ୍ଟେଟ ବୋର୍ଡ ଫର୍ ୱାଇଲ୍ଡ ଲାଇଫ୍‌ର ସଦସ୍ୟ ଓ ଜଏଣ୍ଟ ଟାକ୍ସ ଫୋର୍ସ ଫର୍ ୱାଇଲ୍ଡ ଲାଇଫ୍‌ର ସଦସ୍ୟ ଅଛି। ପେସାକୁ ନେଇ ମୁଁ ଭାରତର ପ୍ରାୟ ସବୁ ବଣଜଙ୍ଗଲ ବୁଲି ସାରିଛି। ବହୁ ବିରଳ ପ୍ରାଣୀଙ୍କ ସହ ବାଘ, ଭାଲୁ, ହାତୀ ଓ ପକ୍ଷୀଙ୍କର ଅନେକ ବିରଳ ଫଟୋ ଉଠାଇଛି। ତେବେ ଲଦାଖରେ ସ୍ନୋ ଲେପର୍ଡ ଫଟୋ ଉଠାଇବାର ଅନୁଭୂତି ଥିଲା ନିଆରା। ସମୁଦ୍ର ପତନଠାରୁ ୧୪୦୦୦–୧୫୦୦୦ ଫୁଟ୍ ଉଚ୍ଚତାରେ –୨୦°ରୁ –୩୦° ତାପମାତ୍ରାରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଏହି ଫଟୋ ଉଠାଇବା ଭାରି କଷ୍ଟକର ଥିଲା। ଅନେକ ସମୟର ଅପେକ୍ଷା ପରେ ଯାଇ ସ୍ନୋ ଲେପର୍ଡ ଦେଖିବାକୁ ପାଇଥିଲି ଓ ଭଲ ଭଲ ଫଟୋ ଉଠାଇଥିଲି। କଷ୍ଟ ଲାଗିଲେ ବି ଶେଷରେ ଆତ୍ମସନ୍ତୋଷ ମିଳିଥିଲା। ପରିବାର ଭୁବନେଶ୍ୱରରେ ରୁହନ୍ତି। ଯେବେ ମୁଁ ଘରକୁ ଆସେ କ୍ୟାମେରା ଧରି ଓଡ଼ିଶାର ବିଭିନ୍ନ ଜଙ୍ଗଲକୁ ଚାଲିଯାଏ ଫଟୋ ଉଠାଇବାକୁ। ଓଡ଼ିଶାରେ ବେଶି ବାଘ ଦେଖିବାକୁ ମିଳନ୍ତି ନାହିଁ। ହେଲେ ଶିମିଳିପାଳରେ ଯେବେ ପ୍ରଥମଥର ବାଘ ଦେଖିଥିଲି ଓ ତା'ର ଫଟୋ ଉଠାଇଥିଲି ଭାରି ଖୁସି ଲାଗିଥିଲା। ୨୦୨୩ ମସିହାର କଥା। ଥରେ ରନ୍ଥମ୍ବୋର ଟାଇଗର ରିଜର୍ଭରେ ଆରୋହେଡ ନାମ୍ନୀ ମହାବଳ ବାଘୁଣୀକୁ ଆମେ ଖରାବେଳେ ଏକ ହ୍ରଦ କୂଳରେ ଲୁଚି ବାଇନାକୁଲାରରେ ଦେଖୁଥାଉ। ବାଘୁଣୀ ଛପି ଛପି ପାଣି ପାଖକୁ ଗଲା। ଭାବିଲୁ ହ୍ରଦରେ ଥିବା ବଡ଼ କଇଁଛକୁ ସେ ଶିକାର କରିବ। ସେ ହଠାତ୍ ପାଣିକୁ ଡେଇଁଲା। ଆଉ କିଛି ସମୟ ପାଇଁ ଗାଏବ ହୋଇଗଲା। ଭାବିଲୁ ବାଘୁଣୀ କୁଆଡ଼େ ଗଲା ? ହେଲେ କିଛି ସମୟ ପରେ ପାଣିରୁ ଛାଟିପିଟି ହୋଇ ବାହାରି କୂଳକୁ ଆସି ଦୌଡି ପଳାଇଲା। ପାଣିକୁ ଦେଖିଲା ବେଳକୁ କିଛି କୁମ୍ଭୀର ଆଁ କରି ତାକୁ ଗୋଡାଉଛନ୍ତି। ପ୍ରକୃତ କଥା ହେଲା ବାଘୁଣୀ କଇଁଛ ନୁହେଁ କୁମ୍ଭୀରକୁ ଟାର୍ଗେଟ କରିଥିଲା। ହୁଏତ ସେ ଭାବିଥିଲା ଛୋଟ କୁମ୍ଭୀରଟିଏ। ହେଲେ ଯେତେବେଳେ ସେ ପାଣିକୁ ଯାଇଛି ସେଠି ଗୋଟେ ନୁହେଁ ବରଂ ୪–୫ଟା କୁମ୍ଭୀର ଥିଲେ। ସେମାନେ ଏକାଠି ଆକ୍ରମଣ କରି ବାଘୁଣୀକୁ ପାଣିରେ ବୁଡ଼ାଇ ଦେଲେ। ବାଘୁଣୀ ସଂଘର୍ଷ କରି ନିଜର ସବୁ ବଳ ଲଗାଇ ପାଣିରୁ ବାହାରି ଆସିଥିଲା। ସେତେବେଳେ ବାଘୁଣୀ ମୁହଁରେ ଯେଉଁ ଭୟ ଥିଲା ତାହା ମୁଁ କେବେ ଦେଖି ନ ଥିଲି। ସେହି ଘଟଣାର ସିରିଜ ଫଟୋ ଉଠାଇବାର ସୁଯୋଗ ମୁଁ ପାଇଥିଲି, ଯାହାକି ମୋ ଫଟୋଗ୍ରାଫି ଜୀବନର ଏକ ବଡ଼ ସଫଳତା କୁହାଯାଇପାରେ। ମୋ ଫଟୋ ଅନେକ ପ୍ରତିଷ୍ଠିତ ଖବରକାଗଜ, ମାଗାଜିନ୍‌ରେ ପ୍ରକାଶ ପାଇଛି। ବିଭିନ୍ନ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି।



ଆଦିତ୍ୟ ପଣ୍ଡା



## ଚାକିରି ଛାଡ଼ି ନିଶାକୁ ଆପଣେଇଲି: ଜ୍ଞାନ ମହାନ୍ତି

ଏମ୍‌ବିଏ କରିବା ପରେ ବମ୍ବେରେ ଚାକିରି କଲେ । ଭଲ ଦରମା ବି ପାଉଥିଲେ । ହେଲେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିର ନିଶା ଏତେ ଥିଲା ଯେ, ସେ ଚାକିରି ଛାଡ଼ିଲେ । ଖାଇବା ପିଇବା ଭୁଲି ଜଙ୍ଗଲ ଜଙ୍ଗଲ ବୁଲି ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବାକୁ ଲାଗିଲେ । ତାଙ୍କ କ୍ୟାମେରାରେ କଏଦ ହେଲା ବନ୍ୟପ୍ରାଣୀଙ୍କ ଜୀବନର କେତେ କାହାଣୀ । ନାଟଜିଓ ଇଣ୍ଡିଆ, ବିବିସି, ନେଚର ଇନ ଫୋକସ୍, ରେଟ୍ରୋ କୋଲକାତା ଆଦିରେ ସ୍ଥାନ ପାଇଲା ତାଙ୍କ ଫଟୋ । ଆଉ ପାଇଲେ ଲଳିତ କଳା ଏକାଡେମୀ ଆୱାର୍ଡ ସହ ଦୁବାଇର ହିପା ଆୱାର୍ଡ, ବିଡବଲ୍ୟୁପିସି ଫଟୋଗ୍ରାଫର ଅଫ୍ ଦ ଇୟର ଆୱାର୍ଡ । ସେ ହେଉଛନ୍ତି ପ୍ରସିଦ୍ଧ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ତଥା ୱାର୍କଶପ୍ ମେଣ୍ଟର୍ **ଜ୍ଞାନ ମହାନ୍ତି** । ସେ କୁହନ୍ତି, 'ଘର ମୋର କଟକ ନୂଆବଜାରରେ । ବାପା ବ୍ୟବସାୟ କରନ୍ତି, ମା' ଗୃହିଣୀ । ପିଲାଦିନରୁ ଫଟୋଗ୍ରାଫିର ସଉକ ଥିଲା । ମୋ ଇଚ୍ଛାକୁ ଦେଖି ଗ୍ରାଜୁଏଶନ୍ ସାରିବା ଭିତରେ ବାପା ମତେ ଦୁଇ ତିନୋଟି କ୍ୟାମେରା ଦେଇଥିଲେ । ଆଉ ମୁଁ ଫଟୋ ଉଠାଉଥିଲି । ପରେ ୨୦୦୩ରେ ଏମ୍‌ବିଏ କରିବାକୁ ବମ୍ବେ ଗଲି । ପାଠ ତ ପଢୁଥିଲି । ତା'ସହ ଫଟୋଗ୍ରାଫି ଉପରେ ଲିଖିତ ବିଭିନ୍ନ ବହି ପଢୁଥିଲି । ଗୁଗଲ୍‌ରୁ ସର୍ଚ୍ଚ କରି ଫଟୋଗ୍ରାଫିର ବିଭିନ୍ନ ଟ୍ରିକ୍ ଶିଖୁଥିଲି । ଏମିତିରେ ମୁଁ ନିଜକୁ ଫଟୋଗ୍ରାଫିରେ ମାଷ୍ଟର କରାଇଲି । ପଢା ସରିବା ପରେ ଭଲ କମ୍ପାନୀରେ ଚାକିରି କଲି । ଭଲ ଦରମା ବି ମିଳିଲା । ହେଲେ ଚାକିରିରେ ମନ ଲାଗିଲାନି । ଫଟୋଗ୍ରାଫିର ନିଶା ମନକୁ ବିଚଳିତ କରିପକାଉଥିଲା । ଚାରି କାନ୍ଥ ଭିତରୁ ବାହାରି ଜଙ୍ଗଲ ଜଙ୍ଗଲ ବୁଲି ଜୀବଜନ୍ତୁଙ୍କ ଭିତରେ ସମୟ ବିତାଇବାକୁ ମନ ବ୍ୟାକୁଳ ହେଉଥିଲା । ତେଣୁ ପ୍ରଥମେ ଭଲ କ୍ୟାମେରା କିଣିଲି । ୨୦୧୭ରୁ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ଆରମ୍ଭ କଲି । ଉଭୟ ଚାକିରି ଓ ନିଶା ଭିତରେ ସନ୍ତୁଳନ ରଖିବା କଷ୍ଟକର ହେଲା । ଶେଷରେ ୨୦୨୨ରେ ଚାକିରି ଛାଡିଲି । ବମ୍ବେରେ 'ଜିଆର୍‌ଏମ୍ ଫଟୋଗ୍ରାଫି' ନାଁରେ ଏକ ସଂସ୍ଥା ଗଢିଲି । ଯେଉଁଠି ଲୋକଙ୍କୁ ବନ୍ୟପ୍ରାଣୀଙ୍କ ଉପରେ ଜଣାଇବା ସହ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ଉପରେ ତାଲିମ ଦେଲି । ଭାରତ ଓ ଭାରତ ବାହାରେ ୱାର୍କଶପ୍ କଲି । ଯେମିତିକି ବନ୍ୟପ୍ରାଣୀ ଓ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିକୁ ଭଲ ପାଉଥିବା ମଣିଷମାନେ ଖୁବ୍ ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ସହ ସେମାନଙ୍କର ଫଟୋ କେମିତି ଉଠାଯାଏ ଶିଖିପାରିବେ । ଭାରତର ପ୍ରାୟ ସବୁ ଅଭୟାରଣ୍ୟ, ଜଙ୍ଗଲ, ଟାଇଗର୍ ପାର୍କ ସହ କେନିଆ, କୋଷ୍ଟାରିକା, ବ୍ରାଜିଲ ଜଙ୍ଗଲରେ ବି ୱାର୍କଶପ୍‌ର ଆୟୋଜନ କରିଥାଏ । ୱାର୍କଶପ୍‌ର ଖର୍ଚ୍ଚ କ୍ଲାଏଣ୍ଟ ବହନ କରନ୍ତି । ଅର୍ଥାତ୍ ଯେଉଁମାନେ ୱାଇଲ୍ଡ ଲାଇଫ୍ ବିଷୟରେ ଜାଣିବା ଓ ଫଟୋଗ୍ରାଫି ଶିଖିବାକୁ ଚାହାନ୍ତି ଅବା ଡକ୍ୟୁମେଣ୍ଟାରୀ କରିବାକୁ ଚାହାନ୍ତି ସେମାନେ ମୋତେ ଯୋଗାଯୋଗ କରନ୍ତି ଓ ସବୁ ଖର୍ଚ୍ଚ ସେମାନେ ବହନ କରନ୍ତି । ମୁଁ ସେମାନଙ୍କୁ ଗାଇଡ୍ କରେ । ଓଡ଼ିଶାର ଭିତରକନିକା, ମଙ୍ଗଳାଯୋଡି, ସାତକୋଶିଆ ଆଦି ସ୍ଥାନରେ ୱାର୍କଶପ୍ କରିଛି । ଓଡ଼ିଶାରେ ଏଯାଏ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିର ବେଶି ସ୍କୋପ ସୃଷ୍ଟି ନାହିଁ । ତଥାପି କିଛି ଲୋକ ଏହା ପ୍ରତି ମନ ବଳାଉଛନ୍ତି । ମୋର ପ୍ରାୟ ସମୟ ଜଙ୍ଗଲରେ ହିଁ ବିତେ । ସେ ଦେଶ ଭିତରେ ହେଉ ଅବା ବିଦେଶର ଜଙ୍ଗଲରେ । ଗୋଟେ ଗୋଟେ ପରଫେକ୍ଟ ଶଟ୍ ପାଇଁ ଘଣ୍ଟା ଘଣ୍ଟା ଏମିତିକି ବେଳେବେଳେ ଦିନ ଦିନ ଲାଗିଯାଏ । ଜଙ୍ଗଲ ଭିତରେ ଏମିତି ଅନେକ ଘଟଣା ଘଟିଛି ଯାହାକୁ କେବେ ଭୁଲି ହେବନି । ଯେମିତିକି ଥରେ ଏକ ବାଘ ଆଉ ଏକ ବାଘର ଏରିଆକୁ ପ୍ରବେଶ କରିଥାଏ । ତେଣୁ ଦୁଇ ବାଘ ମଧ୍ୟରେ ଲଢ଼େଇ ହେବା ସୁନିଶ୍ଚିତ ଥିଲା । ସେହି ଲଢ଼େଇକୁ କ୍ୟାମେରାରେ କଏଦ କରିବା ଲାଗି ଆମେ ସକାଳ ୬ଟାରୁ ଅପେକ୍ଷା କରିଥାଉ । ସମୟ ବିତି ଚାଲିଥାଏ । ଆମେ ନ ଖାଇ ନ ପିଇ ଅପେକ୍ଷା କରିଥାଉ । ଶେଷରେ ସନ୍ଧ୍ୟା ବେଳକୁ ଦୁଇ ବାଘ ମୁହାଁମୁହିଁ ହେଲେ । ଆଉ ଆରମ୍ଭ ହେଲା ଲଢ଼େଇ । ଲଢ଼େଇ ଘମାଘୋଟ ଥିଲା । ଦୁଇ ବାଘ ଠିଆ ହୋଇ ଲଢୁଥାନ୍ତି । ମୁଁ ସେ ଦୃଶ୍ୟ ସବୁ କ୍ୟାମେରାରେ ଆବଦ୍ଧ କରୁଥାଏ । ଶେଷରେ ପୂରା ଲଢ଼େଇର ଦୃଶ୍ୟ କଏଦ ହେଲା । ଦିନ ତମାମର କଷ୍ଟ, ଯନ୍ତ୍ରଣା କୁଆଡେ ଉଭେଇଗଲା । ଏଭଳି ଦୃଶ୍ୟ କଏଦ କରିବାର କିଛିଦିନ ପୂର୍ବରୁ ଆମେ ଜଙ୍ଗଲକୁ ଅନୁଧ୍ୟାନ କରିଥାଉ । ସେହି ଜଙ୍ଗଲ ଉପରେ ଗଭୀର ଜ୍ଞାନ ଥିବା ଲୋକ ତଥା ଗାଇଡଙ୍କ ସାହାଯ୍ୟ ନେଉ । ଅନୁଭବ ଓ ଅନୁମାନକୁ ନେଇ ଆମେ ଗୋଟେ ସ୍ଥାନରେ ଜଗି ରହୁ । କେବେ ବୁଦା ଭିତରେ ତ କେବେ ପାଣି ଭିତରେ ପୁଣି କେବେ ଗଛ ଉପରେ କ୍ୟାମେରା ଧରି ଘଣ୍ଟା ଘଣ୍ଟା ଜଗି ରହୁ । ବେଳେବେଳେ ୪-୫ ଦିନ ପର୍ଯ୍ୟନ୍ତ ଭଲ ଶଟ୍ ମିଳେନା । ଭାଗ୍ୟ ଭଲ ଥିଲେ ଅନୁମାନ ସତ ହୁଏ । ଆଉ ଏକ ଅଦ୍ଭୁତ ଦୃଶ୍ୟକୁ କ୍ୟାମେରାରେ ଉତ୍ତୋଳନ କରିବାର ସୁଯୋଗ ମିଳେ । ସ୍ନେକ ଫଟୋଗ୍ରାଫି ତ ବହୁତ କଷ୍ଟ । ସାପ ଖୋଜିବା, ଲାଇଟ୍‌ର ଅଭାବ, ତା'ସାଙ୍ଗକୁ ବର୍ଷା ଯଦି ହେଉଥିବ ଫଟୋ ଉଠାଇବା ଚ୍ୟାଲେଞ୍ଜିଙ୍ଗ୍ ହୋଇଯାଏ । ଭାରତରେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିର ଏତେଟା ସୁଯୋଗ ନାହିଁ । ବହୁତ ସଂଘର୍ଷ ଓ ପରିଶ୍ରମ କରିବାକୁ ପଡ଼େ । ମୁଁ ବି କରୁଛି । ତଥାପି ମନରେ କାଣିଯାଏ ଅବସୋସ ନାହିଁ । କାରଣ ମୁଁ ମୋ ପ୍ୟାଶନ୍‌କୁ ନେଇ ଜିଉଛି । ଆଉ ଏଇଥିରେ ହିଁ ମତେ ଆତ୍ମସନ୍ତୋଷ ମିଳୁଛି । ବହୁ ପରିଶ୍ରମ ପରେ ଯେବେ ଭଲ ଫଟୋଟିଏ ମିଳେ ସବୁ କଷ୍ଟ ଦୂରେଇଯାଏ । ମନ ଆତ୍ମସନ୍ତୋଷରେ ଭରିଯାଏ । ପ୍ରତି ଫଟୋ ପଛରେ କିଛି କାହାଣୀ ଥାଏ, ଯାହା ଫଟୋକୁ ଖାସ୍ କରାଏ । ଗୁଜରାଟର କଚ୍ଛରେ ଥିବା ମରୁଭୂମିରେ ସେମିତି ଏକ ଘଟଣା ମୋ ଆଖି ସାମ୍ନାରେ ଘଟିଥିଲା । ଗରମ ତାତିରେ ଘଣ୍ଟା ଘଣ୍ଟା ଜଗି ରହିବା ପରେ ଦେଖିଲି ବିଲୁଆର ଏକ ପରିବାର ଖାଦ୍ୟ ଅଭାବ ଯୋଗୁ ନିଜ ଛୁଆକୁ ମାରି ଖାଇଥିଲେ, ଯାହାକି ହୃଦୟ ବିଦାରକ ଥିଲା । ମୋ ସ୍ତ୍ରୀ ଓ ଝିଅ ବମ୍ବେରେ ରୁହନ୍ତି । ମୁଁ ମୋ କାମ ପାଇଁ ବିଭିନ୍ନ ସ୍ଥାନ ବୁଲେ । ସେମାନେ କେବେ ଏଥିପାଇଁ ଅଭିଯୋଗ କରି ନାହାନ୍ତି । ସ୍ତ୍ରୀ ଘରକଥା ସବୁ ବୁଝନ୍ତି । ସେମାନେ ବି ଅନେକ ଥର ମୋ ସହ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି କେମିତି ହୁଏ ଦେଖିବାକୁ ଆସିଛନ୍ତି । ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ବହୁତ ବ୍ୟୟବହୁଳ । କ୍ୟାମେରାର ଦାମ୍, ତା'ର ସବୁ ଉପକରଣ ବି ବହୁତ ଦାମୀ । ସେଥିପାଇଁ ମୁଁ ବି ଜବ୍ କଲାପରେ ହିଁ ଭଲ କ୍ୟାମେରା କିଣି ପାରିଥିଲି । ମୋ ଫଟୋ କଲିକତା, ମୁମ୍ବାଇରେ ପ୍ରଦର୍ଶିତ ହୋଇଛି । ଅନେକ ଫଟୋ ପାଇଁ ଆୱାର୍ଡ ବି ମିଳିଛି ।'

ପ୍ରକୃତି କୋଳରେ ସେମାନେ ଶାନ୍ତି ପାଆନ୍ତି । କ୍ୟାମେରାରେ ବନ୍ୟପ୍ରାଣୀଙ୍କ ବିରଳ ମୁହୂର୍ତ୍ତକୁ ଆବଦ୍ଧକରି ଜୀବନ ସାର୍ଥକ ହେଲା ବୋଲି ଭାବନ୍ତି । କହିବାକୁ ଗଲେ ପ୍ରକୃତି ତାଙ୍କ ମା' ଓ କ୍ୟାମେରା ସେମାନଙ୍କ ପାଇଁ ଜୀବନ । ଏ ଦୁହିଁଙ୍କଠୁ ଦୂରେଇ ରହିବା କଥା ବି ସେମାନେ କଳ୍ପନା କରିପାରନ୍ତି ନାହିଁ । ଏହା ହିଁ ହେଉଛି ଜଣେ ପ୍ରକୃତ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍‌ର ଜୀବନ ।

**-ଶିବାନୀ ମହାନ୍ତି**



ଜ୍ଞାନ ମହାନ୍ତି



# ସଙ୍ଗୀତ ଓ ବିଜ୍ଞାନର ମଧୁର ସମନ୍ୱୟ



**ସ୍କୁଲ ବୟସରୁ ଜଣେ ମେଧାବୀ ଛାତ୍ରୀ ଭାବେ ସେ ଥିଲେ ବେଶ୍ ପରିଚିତା। ନିଜର ନିଷ୍ଠା ଏବଂ ସାଧନା ବଳରେ ଜଣେ ଗାୟିକା ଓ ବୈଜ୍ଞାନିକା ହେବାସହ ଉଭୟ କ୍ଷେତ୍ରରେ ସଫଳତାର ଶୀର୍ଷକୁ ବି ଛୁଇଁଛନ୍ତି...**

ନିଜର ନିଷ୍ଠା ସାଧନା ବଳରେ କଳା ଓ ବିଜ୍ଞାନ ଉଭୟ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଛୁଇଁପାରିଥିବା ଜଣେ ପ୍ରତିଭାମୟୀ ଓଡ଼ିଆ ଝିଅ ହେଉଛନ୍ତି **ପୁଷ୍ପଶ୍ରୀ ମିଶ୍ର**। ବାପା ପ୍ରସନ୍ନ ଚନ୍ଦ୍ର ମିଶ୍ର ଓ ବୋଉ ପ୍ରେମଲତା ମିଶ୍ର। କୋରାପୁଟ ଜିଲାର ଏକ ଆଭିଜାତ୍ୟ ସଂସ୍କୃତି ସମ୍ପନ୍ନ ପରିବାରରେ ପୁଷ୍ପଶ୍ରୀଙ୍କ ଜନ୍ମ। ବାପା ଥିଲେ ସରକାରୀ କର୍ମଚାରୀ। ଏଣୁ ଚାକିରି କ୍ଷେତ୍ରରେ ବହୁ ସ୍ଥାନ ବୁଲିବାକୁ ପଡୁଥିଲା। ପାହାଡ଼ ପର୍ବତ ଘେରା କୋରାପୁଟ ଜିଲାରେ ତାଙ୍କର ବାଲ୍ୟଜୀବନ କଟିଥିଲା। ଭୁବନେଶ୍ୱରର ଡିଏମ୍ ସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା ଆରମ୍ଭକରି ସେହିଠାରୁ ହିଁ ମାଟ୍ରିକ୍ ପାସ୍ କରିଥିଲେ ପୁଷ୍ପଶ୍ରୀ। ସ୍କୁଲ ଜୀବନରୁ ଜଣେ ମେଧାବୀ ଛାତ୍ରୀ ଭାବେ ସେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଗହଣରେ ପରିଚିତ ଥିଲେ। ସ୍କୁଲ ଶିକ୍ଷା ସମାପ୍ତ ପରେ ବିଜେବି କଲେଜରୁ ଫିଜିକ୍ସ ଅନର୍ସରେ ସେ ଡିଗ୍ରୀ ହାସଲ କରିବା ସହ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାରକରି ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ଜିତିଥିଲେ। ଡକ୍ଟର ମିଶ୍ର ୧୯୯୩ରୁ ୧୯୯୯ ମସିହା ମଧ୍ୟରେ ଦିଲ୍ଲୀର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି)ରୁ ପଦାର୍ଥ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ଆରମ୍ଭ କରିଥିଲେ। ତାଙ୍କର ପିଏଚ୍.ଡି . ଗବେଷଣା କାର୍ଯ୍ୟରେ ରମଣ ଏବଂ ସିଲିକନ୍ ନାନୋଷ୍ଟ୍ରକ୍ଚରର ଫଟୋଲୁମିନେସେନ୍ସ ସ୍ପେକ୍ଟ୍ରୋସ୍କୋପି ସାମିଲ ଥିଲା। ପରବର୍ତ୍ତୀ ସମୟରେ ସେ ଟୋକିଓର ଇଲେକ୍ଟ୍ରୋ-କମ୍ୟୁନିକେଶନ୍ସ ବିଶ୍ୱବିଦ୍ୟାଳୟରେ ନାନୋକ୍ରିଷ୍ଟାଲ ମେମୋରି ଡିଭାଇସ୍ ଉପରେ ତାଙ୍କର ପୋଷ୍ଟ ଡକ୍ଟରାଲ ଗବେଷଣା କରିଥିଲେ। ଦୀର୍ଘ ୪ ବର୍ଷ ବିଦେଶରୁ ଗବେଷଣାକରି ଫେରିବା ପରେ ବର୍ତ୍ତମାନ ସେ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ)ରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ଶ୍ରେଷ୍ଠ ପଦାର୍ଥ ବିଜ୍ଞାନ ଜର୍ନାଲ, ଫିଜିକାଲ,ରିଭ୍ୟୁ ବି'ରେ ପ୍ରକାଶିତ ତାଙ୍କର ରମଣ ସ୍କାଟରିଂ ଇନ୍ ସିଲିକନ ନାନୋ କ୍ରିଷ୍ଟାଲ ସନ୍ଦର୍ଭ ବେଶ୍ ଚର୍ଚ୍ଚିତ ଥିଲା। ଏହା ବ୍ୟତୀତ ଅନେକ ଅନ୍ତର୍ଜାତୀୟ ପତ୍ର ପତ୍ରିକାରେ ତାଙ୍କର ପ୍ରବନ୍ଧ ପ୍ରକାଶ ପାଇଛି ଏବଂ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ସେ ନିଜର ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ତାଙ୍କ ସନ୍ଦର୍ଭ ପାଇଁ ତାଙ୍କୁ ଡିଆରଡିଓ ସାଇଣ୍ଟିଷ୍ଟ ଅଫ୍ ଦି ଇୟର ପୁରସ୍କାର, ୟୁଥ ସାଇଣ୍ଟିଷ୍ଟ ଅଫ୍ ଦି ଇୟର ପୁରସ୍କାର, ବିଜ୍ଞାନ ଦିବସ ପୁରସ୍କାର, ପ୍ରଯୁକ୍ତିବିଦ୍ୟା ପୁରସ୍କାର ଏବଂ ଶ୍ରେଷ୍ଠ ପ୍ରକାଶନ ପୁରସ୍କାର ଇତ୍ୟାଦି ଅନେକ ପୁରସ୍କାର ପ୍ରଦାନ କରାଯାଇଛି।

ବିଜ୍ଞାନ ବ୍ୟତୀତ ଜଣେ କୀର୍ତ୍ତିମାନ କଳାକାର ଭାବେ ସେ ପରିଚିତ। ଖୁବ ପିଲାବେଳୁ ପୁଷ୍ପଶ୍ରୀଙ୍କର ରହିଥିଲା ସଙ୍ଗୀତ ପ୍ରତି ପ୍ରଚଣ୍ଡ ଆକର୍ଷଣ। କୁନି ଝିଅଟିର ଏପରି ଆଗ୍ରହ ଦେଖି ବାପା, ବୋଉ ଉଭୟ ସଙ୍ଗୀତ ଶିକ୍ଷା ପାଇଁ ପ୍ରେରଣା ଦେଇଥିଲେ। ସେ କୁହନ୍ତି, 'ବାପା, ମା ଉଭୟ ଥିଲେ କଳା ପ୍ରେମୀ ମଣିଷ। ନିତି ସଞ୍ଜରେ ବୋଉ ଭଜନ, ଜଣାଣ ଗାଇ





ଆମକୁ ଶୁଣାଏ। ପିଲାଦିନରୁ ଏସବୁର ପ୍ରଭାବ ମୋ ଉପରେ ପଡ଼ିଥିଲା। ଖୁବ୍ ଛୋଟ ଦିନରୁ ଟିଭି ଓ ରେଡିଓରେ ଗୀତ ଶୁଣି ମୁଁ ଘରେ ଗୁଣୁଗୁଣୁ ହୋଇ ଗାଉଥିଲି। ସେସବୁ ଲକ୍ଷ୍ୟକରି ଉଭୟେ ମୋତେ ସଙ୍ଗୀତ ଶିକ୍ଷା ପାଇଁ ପ୍ରେରଣା ଦେଇଥିଲେ। ମାତ୍ର ୫ ବର୍ଷ ବୟସରେ ଗୁରୁ ରଙ୍କନିଧି ମହାପାତ୍ରଙ୍କ ଠାରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର ଶିକ୍ଷା ଆରମ୍ଭ କରିଥିଲି। ଏହାପରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କଠାରୁ ମଧ ଶିକ୍ଷା ଗ୍ରହଣ କରିଥିଲି। ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ତୃପ୍ତି ଦାସ, ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଶୁଣିବାକୁ ମୁଁ ଭଲପାଏ। ମୋର ପ୍ରତ୍ୟେକ ଗୁରୁ ମୋ ପାଇଁ ଦେବତା ସଦୃଶ। ଏହା ବ୍ୟତୀତ ମୋ ବୋଉ ଯିଏ ତା' ସମୟରେ ସାମାଜିକ କଟକଣା ଭିତରେ ଅଧିକ ପାଠ ପଢ଼ିବାର ସୁଯୋଗ ପାଇପାରି ନ ଥିଲେ ବି ଆମମାନଙ୍କ ପଛରେ ଚଟାଣ ପରି ଠିଆ ହୋଇଥିଲା। କିପରି ଆମେ ମାନେ ପାଠପଢ଼ି ସମାଜରେ ନିଜର ପରିଚୟ ତିଆରି କରି ପାରିବୁ ସେ ଚିନ୍ତା ତା'ର ସବୁବେଳେ ରହୁଥିଲା। ତେଣୁ ମୋ ସଫଳତାର ସମସ୍ତ ଶ୍ରେୟ ମୁଁ ତାକୁ ଦେବାକୁ ଚାହୁଁଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସଙ୍ଗୀତ ସାଧନା ଜାରି ରଖିଛି। ଜୀଇଁଥିବା ପର୍ଯ୍ୟନ୍ତ ଜାରି ରଖିଥିବି। ଏ ଜୀବନରେ ମୋର ସଙ୍ଗୀତ ଶିକ୍ଷା ସରିବ ନାହିଁ। ମୁଁ ଭାବେ ରାଜ୍ୟ ହେଉ ଅଥବା ଦେଶର ସାଂସ୍କୃତିକ ବିକାଶ ପାଇଁ କେବଳ ସରକାର ନୁହେଁ, ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବା ଉଚିତ।'

ପ୍ରାୟ ୧୫ବର୍ଷ ହେବ ସେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ପାରମ୍ପରିକ ଓଡ଼ିଶୀ ସଙ୍ଗୀତରେ ତାଲିମ ନେଇଛନ୍ତି। ୨୧ ବର୍ଷ ବୟସରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ମାର୍ଗଦର୍ଶନରେ ଗାନ୍ଧର୍ବ ମହାବିଦ୍ୟାଳୟରୁ ସଙ୍ଗୀତ ଅଳଙ୍କାର ଡିଗ୍ରୀ ହାସଲ କରିଛନ୍ତି। ଜଣେ ଶିଶୁ କଳାକାର ଭାବରେ ସେ କଟକ ଅଲ ଇଣ୍ଡିଆ ରେଡିଓରେ ବହୁ ଗୀତ ଗାଇବାର ସୁଯୋଗ ପାଇଛନ୍ତି। ଓଡ଼ିଶାର ବିଭିନ୍ନ ମଞ୍ଚରେ ସେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣକରି ବହୁବାର ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି। ତେବେ ବିବାହ ପରେ ସନ୍ତାନ ଲାଳନ ପାଳନ, ଚାକିରି ହେତୁ କିଛି ବର୍ଷ ସଙ୍ଗୀତରୁ ଦୂରେଇ ରହିଥିଲେ ପୁଷ୍ପଶ୍ରୀ। ସ୍ୱାମୀ ସଂଜୀବ ମିଶ୍ରଙ୍କ ସହଯୋଗ ଓ ପ୍ରେରଣା ତାଙ୍କ କାମକୁ ଅଧିକ ଶକ୍ତ କରିଛି। ସେ ଫେରିଛନ୍ତି ସଂଗୀତ ଜଗତକୁ। ଦୀର୍ଘ ସମୟ ବିରତି ପରେ କିରାନା ଘରାନା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତଜ୍ଞ ପୂଜ୍ୟ ଗୁରୁ ପଣ୍ଡିତ ମଣିପ୍ରସାଦଙ୍କ ଅଧୀନରେ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ। ଏହାବାଦ ସେ ଗୁରୁ ଶିଷ୍ୟ ସମ୍ମାନ ମହୋତ୍ସବ, ଗୁରୁଦେବ ପ୍ରସାଦ ନୃତ୍ୟ ପରମ୍ପରା, ଆନ୍ତର୍ଜାତିକ ମହିଳା ମହୋତ୍ସବ ଇତ୍ୟାଦିରେ ସଂଗୀତ ପରିବେଷଣକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତାଙ୍କୁ ସମ୍ପ୍ରତି ବିଶ୍ୱ ଓଡ଼ିଆ ସମାଜ ଦ୍ୱାରା ନାରୀରତ୍ନ ପୁରସ୍କାର ପ୍ରଦାନ କରାଯାଇଛି।

– ପ୍ରିୟମ୍ବଦା ରଥ
ଆର୍‌କେପୁରମ ,ନୂଆଦିଲ୍ଲୀ
ମୋ:୮୭୮୮୯୫୬୭୦୦





# ମାନ ବା ନମାନ

**-ମହାଦେବ ପ୍ରଧାନ**

ନିରନ୍ତର ଓ ନିୟତ
ଅପାରଗତାର ଝାଞ୍ଜିରେ ମୁଣ୍ଡ କୋଡୁଥିବା
ମୁଁ ଗୋଟେ ପୁରୁଣା ଡିହର ଅବସୋସ
ତମେ ଝିପି ଝିପି ବର୍ଷା
କବ କବ ପାଣି
ଓ ନିଶ୍ୱାସରେ ଦ୍ରବୀଭୂତ କୋମଳ ପ୍ରତ୍ୟୟ ପରି
ଆଷାଢ଼ର ଓଦା ଓଦା କଦମ୍ବ ମହକ..

ନିରବ, ନିଶୁନ ରାତିରେ
ଶୁଖିଲା ଓଠରେ ଝରି ପଡୁଥିବା
ନିରୁଡ଼ା କ୍ଷୀରଧାର ପରି
ପୋଷ ପୋଷ ମିଠା ଚନ୍ଦ୍ରାଲୋକ !


ତମେ ମାନ ବା ନମାନ
ମୁଁ ଏକ ଅଧାଲେଖା ଚିଠିର ନିୟତ..
ତମେ ମୋ'ର ଅନୁଚ୍ଚାରିତ ଶବ୍ଦ
ଅଲିଖିତ ଧାଡ଼ି ଓ ଅନଭିବ୍ୟକ୍ତ ଉଚ୍ଛ୍ୱାସ ପରି
ଓଦା ଏକ ଅରଣ୍ୟ ସଂଗୀତ..

ବିସ୍ତିର୍ଣ୍ଣ ଟାଙ୍ଗରା ଛାତିରେ
କଅଁଳି ଆସୁଥିବା ସବୁଜିମା ପରି
ଦୃଷ୍ଟିଧାରେ ଢ଼ଳ ଢ଼ଳ ଶ୍ୟାମଳ ବିଶ୍ୱାସ..

ତମେ କହିଲେ ଥରେ
ସିଂହଳ ଦ୍ୱୀପରୁ ବୋହି ଆଣନ୍ତି
ଜାହାଜେ ବସନ୍ତ..
କଇଁ ଫୁଲରେ ଗଢ଼ିଦିଅନ୍ତି ସଞ୍ଜ
ତାରାଫୁଲର ତାରକସୀ ଖଞ୍ଜିଦିଅନ୍ତି ବାଟଘାଟ
ଆଙ୍କିଦିଅନ୍ତି ପ୍ରେମଚିତ୍ର ଦିଗ ଓ ଦିଗନ୍ତ..

ତମେ ଛୁଇଁଲେ ଥରେ ଅନ୍ତତଃ
ଶିଥିଳ ରକ୍ତରେ ମୋର ଆସନ୍ତା ଉତ୍ତାପ
ବହୁଦିନୁ ପରିତ୍ୟକ୍ତ ଶୁଖିଲା କୂଅରେ
ଝରି ଆସନ୍ତା ମିଠା ପାଣି
ଶୁଖିଲା ଡାଳରେ ମୋର ବସିଯା'ନ୍ତେ
ଯୋଡ଼େ ଯୋଡ଼େ ହଳଦୀ ବସନ୍ତ..

*-ଅଧ୍ୟାପକ, ବାଙ୍କୀ ସ୍ୱୟଂଶାସିତ*
*ମହାବିଦ୍ୟାଳୟ*
*ବାଙ୍କୀ, କଟକ*
*ମୋ: ୮୨୪୯୫୧୬୭୬୫*



# ତିନୋଟି କବିତା

**-ପବିତ୍ର ମୋହନ ଦାଶ**

### ବେଙ୍ଗଳା

ମେଳି ବଳଦକୁ କହେ ତାସଲ୍ୟରେ
ତରକା ଦାମୁଡ଼ି
''ଏତେ ଧୀରେ ଚାଲୁଥିଲେ ସଅଳ କି
କାମ ହେବ ସାରି ?''
ମେଳିର ବଳଦ ହସି କହେ ତାକୁ
''ଏତେ ଉଛୁଳିଲେ
ସବୁ ବଳଦଙ୍କୁ କ'ଣ ବାନ୍ଧି ହେବ ଏକଇ
ଛନ୍ଦରେ '' ?

### କ୍ଷେତ ବଢ଼ା

ଏ ଉଖୁଡା ପାଣି ଛଡ଼ାଇଲି
ମା' ଲକ୍ଷ୍ମୀ ତୋ ପାଦରେ ପଶିଲି ଶରଣ,
ତୋତେ ହିଁ କାଟି ଭୁଞ୍ଜିବି ଅସହାୟ
ପୂଜା ମୋର ଖାଦକ ଲକ୍ଷଣ ।

### ବିଲ ବଛା

ମୁଥା, ଦୁବ, ଜୁଆଣିଆ ଘାସ
ଗୋଟି ଗୋଟି ଓପାଡ଼ି ଫିଙ୍ଗିବି,
ଧାନ ପରି ଦିଶୁଛି ବାଲୁଙ୍ଗା
କେଉଁ ପରି ହାତ ଲଗାଇବି ?

*- ଇଂରାଜୀ ବିଭାଗ, ଶାସ୍ତ୍ରୀ ସ୍ମୃତି ଡିଗ୍ରୀ*
*ମହାବିଦ୍ୟାଳୟ, ବାଲିପୁଟ, ପୁରୀ*
*ମୋ: ୯୪୩୭୨୦୭୫୪୮*

# ଝାଲ ମୁଢ଼ି

**-ଶୁଭେନ୍ଦୁ ମହାନ୍ତି**



ସେଦିନ ଦିନ ତମାମ୍ ବର୍ଷା ଝିପିଝିପି ଲାଗି ରହିଥାଏ । ସକାଳେ ଖବରକାଗଜରୁ ପଢିଥିଲି ; ସନ୍ଧ୍ୟା ଛଅଟାରେ ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସାଂସ୍କୃତିକ ପରିଷଦ ଅନୁକୂଲ୍ୟରେ ବାର୍ଷିକୋତ୍ସବ ପାଳନ କରାଯିବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ନାଟକ ବି ପରିବେଷଣ ହେବ । ଚାକିରୀ ଜୀବନ କାଳରେ କାର୍ଯ୍ୟବ୍ୟସ୍ତତା ଯୋଗୁ ବହୁତ ଦିନ ହେବ ରବୀନ୍ଦ୍ର ମଣ୍ଡପ ଯାଇ ପାରି ନଥିଲି । ଅବସର ପରେ ଟିକିଏ ସମୟ ମିଳୁଛି । ଅତୀତର ସ୍ମୃତି, ବର୍ତ୍ତମାନର ନିଷ୍ଠୁର ବାସ୍ତବତା ଓ ଏକ ନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ବଞ୍ଚିବାକୁ ପଡୁଛି ।

ସନ୍ଧ୍ୟା ଛଅଟା ପୂର୍ବରୁ ଯାଇ ପହଁଞ୍ଚିଗଲି । ସନ୍ଧ୍ୟା ସାତଟାରେ କାର୍ଯ୍ୟକ୍ରମର ଆରମ୍ଭ ହେଲା । ବରେଣ୍ୟ ମୁଖ୍ୟ ଅତିଥି ଓ ସମ୍ମାନନୀୟ ଅତିଥିମାନଙ୍କ ଭାଷଣ ପର୍ବ ସରିଲାବେଳକୁ ରାତି ଆଠଟା । ସନ୍ଧ୍ୟାରେ କେବଳ କପେ ଚା' ପିଇ ଘରୁ ବାହାରିଥିଲି । ଭୋକରେ ପେଟ ଆଉଟୁ ପାଉଟୁ ହେଲା । ପ୍ରେକ୍ଷାଳୟର ବାହାରକୁ ଆସିଲି ; କ'ଣ ଟିକିଏ ଖାଇବାକୁ । ବିଭାଗର କର୍ମଚାରୀମାନଙ୍କୁ ସ୍ନାକ୍ସ ପ୍ୟାକେଟ୍ ବଣ୍ଟା ହେଉଥିବାର ଦେଖି ଭୋକ ମୋର ଦ୍ୱିଗୁଣିତ ହେଲା । ରୁମାଲ୍‌ଟିକୁ ମୁଣ୍ଡ ଉପରେ ରଖି ମୁଖ୍ୟ ଫାଟକ ନିକଟକୁ ଅଗ୍ରସର ହେଲି । ବର୍ଷା ଚାଲିଥାଏ । ପିଲାଦିନେ ବାପା କହୁଥିଲେ, 'ଦେହ ପଛେ ଓଦା ହେଉ ମୁଣ୍ଡ ଓଦା କରିବୁନି ବର୍ଷାରେ ।' ମତେ କୁଆଡ଼େ ବେଶୀ ଥଣ୍ଡାଜ୍ୱର ହେଉଥିଲା ବର୍ଷାରେ ଓଦା ହେଲେ । ଏବେ ବାପା ନାହାନ୍ତି ; ଚାଲିଗଲେଣି କେଉଁ ଏକ ଅଜଣା ଓ ଅଫେରା ରାଇଜକୁ ।

ମେନ୍‌ଗେଟ୍ ପାଖରେ ବୁଢା ଉଠା ଦୋକାନୀ ଜଣକ ଛତା ଧରି ଏକ ବିରାଟ କଳା ପଲିଥିନ୍‌ରେ ଠେଲା ଗାଡ଼ିଟିକୁ ଘୋଡ଼ାଇ ଠିଆ ହୋଇଥାନ୍ତି । 'ଝାଲ ମୁଢ଼ି' ଅଛି ବୋଲି ଜାଣିଲା ପରେ ଭୋକ ଆହୁରି ବଢିଗଲା । ଦୋକାନୀ ଜଣକ ତାଙ୍କ ପୁରୁଣା ବେଷ୍ଟଲଗା ବଡ଼ କଳା ଛତାଟିକୁ ମୋତେ ବଢାଇ ଦେଲେ । ଠେଲା ଗାଡ଼ି ଉପରେ ପଡିଥିବା ପଲିଥିନ୍ ଚାଦରକୁ ମୁଣ୍ଡ ଉପରେ ରଖି ଝାଲ ମୁଢ଼ି ତିଆରି କରିବାରେ ଲାଗି ପଡିଲେ । କିଛି ସମୟର ଅପେକ୍ଷା ପରେ ଗୋଟିଏ ପୁରୁଣା କାଗଜରେ ତିଆରି ଠୁଙ୍ଗାଟିଏ ମୋ ହାତକୁ ବଢାଇ ଦେଲେ । ବର୍ଷା ହେଉଥାଏ । ଦୁଇଟି ଦଶ ଟଙ୍କିଆ ନୋଟ୍ ବଢାଇଦେଲି ବୃଦ୍ଧ ଦୋକାନୀ ଜଣଙ୍କୁ । ଆଉ କିଛି ମାଗିଲେନି ସେ । କିଛି ବି କହିଲେନି । ନୋଟ୍ ଦୁଇଟି ଟିକିଏ ଓଦା ହୋଇଯାଇଥିଲା । ଆପଣଙ୍କୁ ଭିତରେ ଛାଡି ଦେଇ ଆସିବି, ସାର୍ । ଏତେ ବର୍ଷା, ଓଦା ହୋଇଗଲେ ଥଣ୍ଡା ଜ୍ୱର ମାଡି ବସିବ, ଦୋକାନୀଙ୍କ ଅନୁରୋଧ । ମନା କରିପାରିଲିନି । ଛତା ତଳେ ଦୁଇଜଣ ପରସ୍ପରର ନିକଟତର ହେଲାବେଳେ ନିଜର ଆପଣାର ମଣିଷଟିକୁ ଖୁବ୍ ପାଖରେ ପାଇଲା ଭଳି ଅନୁଭବ କରୁଥିଲି । ପଚାରିଲି 'ମେନ୍ ଗେଟ୍ ପାଖରେ କାହିଁକି ବିକୁଛ ? ଏତେ ବର୍ଷା ; ପାଗ ବି ଖରାପ । ଭିତରକୁ ଆସି ବିକିଲେ ଭଲ ବିକ୍ରି ହେବ ।' ମୋ କଥା ନସରୁଣୁ ଦୋକାନୀ ଜଣକ ଉତ୍ତର ଦେଲେ, 'ଆଜ୍ଞା, ଆମକୁ ଭିତରେ ବିକିବାକୁ ମନା । ଡାଇରେକ୍ଟର ରାଗିବେ । ଆଜକୁ ଛତିଶ ବର୍ଷ ହେଲା ଗେଟ୍ ବାହାରେ ବେପାର କରୁଛି । ଯାହା ଏତେ ଦିନ ହେବ କରିପାରିନି ; ଏବେ ବା' କିପରି କରିବି ? ବର୍ଷା ଯୋଗୁଁ ଆଜି ରୋଜଗାର ପୁରା ମାନ୍ଦା ।'

ପ୍ରେକ୍ଷାଳୟ ଭିତରକୁ ପଶିଲି । ନାଟକ ଆରମ୍ଭ ହୋଇଯାଇଥାଏ । ମୁଁ ବସିଥିବା ସିଟ୍‌ରେ ଆଉ ଜଣେ ପ୍ରାପ୍ତ ବୟସ୍କ ଭଦ୍ରବ୍ୟକ୍ତି ବସି ପଡିଥାନ୍ତି । ଠିଆ ହୋଇ ଠୁଙ୍ଗା ଖୋଲି ପାଞ୍ଚ/ଛଅ ମୁଠାରେ ସବୁତକ ଝାଲ ମୁଢ଼ି ଖାଇ ସାରିଲା ପରେ ଇଚ୍ଛା ହେଉଥିଲା ଆଉ ଟିକିଏ ଖାଇବା ପାଇଁ । ଭାରି ସୁଆଦିଆ ସେ ମୁଢ଼ି ।

ସବୁକିଛି ପଡିଥିଲା ସେ 'ଝାଲ ମୁଢ଼ି'ରେ । ସୋରିଷତେଲ, କଞ୍ଚାଲଙ୍କା, ଲେମ୍ବୁ, ଲୁଣ, ଟମାଟୋ, ପିଆଜ, ଭଜା ବାଦାମ, ସିଝା ମଟର, ଧନିଆପତ୍ର ଓ ଆଞ୍ଜୁଳାଏ 'ଆତ୍ମୀୟତା', ପାପୁଲିଏ 'ସଚ୍ଚୋଟତା' ଆଉ ମୁଠାଏ 'ମାନବିକତା' ।

*-ଗୌତମ ନଗର, ଭୁବନେଶ୍ୱର*
*ମୋ: ୯୪୩୭୭୭୫୭୫୭*



# ଯଦି ଆଦିତ୍ୟ ଅଫର ଦେଇ ନ ଥାନ୍ତେ...


ବାଣୀ

ବାଣୀ କପୁରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ପ୍ରଥମ ସିନେମା ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ଆଦିତ୍ୟ ଚୋପ୍ରା ଏହାର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦେଇଥିଲେ ମନିଶ ଶର୍ମା। ଏଥିରେ ବାଣୀଙ୍କ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ଯଶରାଜ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ବଜେଟ୍ ଥିଲା ମାତ୍ର ୨୨କୋଟି। ହେଲେ ବକ୍ସ ଅଫିସରେ ଚିତ୍ରଟିର ପ୍ରାୟ ୭୬କୋଟି ଆୟ କରିବାରେ ସଫଳ ହୋଇଥିଲା। ଫିଲ୍ମଟି ହିଟ୍ ହେବା ପରେ ବାଣୀଙ୍କ ଭାଗ୍ୟ ସତେ ଯେମିତି ଖୋଲିଯାଇଥିଲା। ଏ ନେଇ ବାଣୀ କହନ୍ତି, ''ପ୍ରଥମ ସିନେମା ବଲିଉଡ୍‌ରେ ମୋର ଭାଗ୍ୟ ଖୋଲି ଦେଇଥିଲା। ଆଉ ଏଥିପାଇଁ ପ୍ରଯୋଜକ ଆଦିତ୍ୟ ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ। ଯଦି ସେ ମୋତେ ଏହି ଅଫର୍‌ଟି ଦେଇ ନ ଥାନ୍ତେ, ତେବେ ମୋତେ ହୁଏତ ସିନେମାଟିଏ ପାଇବାକୁ ଆହୁରି ଅପେକ୍ଷା କରିବାକୁ ପଡିଥାଆନ୍ତା। ଏହାର ଶୁଟିଂ ସମୟରେ ମୋ ମନରେ ଥିବା ଅସମାଧିତ ପ୍ରଶ୍ନଗୁଡିକୁ ବେଶ୍ ସହଜରେ ନିର୍ଦ୍ଦେଶକ ସମାଧାନ କରିଦେଇଥିଲେ। ଯାହାହେଉ ଏଥିରେ ମୋ ଭୂମିକାକୁ ଦର୍ଶକ ଗ୍ରହଣ କରିଥିଲେ ତାହା ମୋ ପାଇଁ ବଡ କଥା।''

ଶୁଟିଂ ଚାଲିଛି


ସୂର୍ଯ୍ୟମୟୀ

# ମନ୍ତ୍ରମୁଗ୍ଧ

ନୂଆ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'ର ନନ୍ ଷ୍ଟପ୍ ଶୁଟିଂ ଏବେ ବ୍ରହ୍ମପୁରରେ ଚାଲୁ ରହିଛି। ଏହି ଫିଲ୍ମର ପ୍ରଥମ ପର୍ଯ୍ୟାୟର ଶୁଟିଂ ଭୁବନେଶ୍ୱରରେ ଶେଷ ହେବା ପରେ ୟୁନିଟ୍ ଏବେ ସେଠାରେ ଡେରା ପକାଇଛି। ବ୍ରହ୍ମପୁରରେ ଦୁଇଟି ସିଫ୍ଟରେ ଶୁଟିଂ ଚାଲିଛି ଏବଂ ସେଠାରେ ୩୦ ଦିନର ସିଡ୍ୟୁଲ ଶେଷ କରିବା ପରେ ଅବଶିଷ୍ଟ ଶୁଟିଂ ଭୁବନେଶ୍ୱରରେ ହେବ ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଆସ୍କା, ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖପାଖ ଅଞ୍ଚଳରେ ସୁଟିଂ ଚାଲୁ ରହିଛି। 'ମନ୍ତ୍ର ମୁଗ୍ଧ' ହେଉଛି ଅନୁପମଙ୍କ ନିର୍ଦ୍ଦେଶିତ ତୃତୀୟ ଚଳଚ୍ଚିତ୍ର। ଅମୀୟ ପଟ୍ଟନାୟକ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ତଥା ବର୍ଷା ପଟ୍ଟନାୟକଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦିପନିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିହୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ୨୦୨୨ରେ ଅନୁପମଙ୍କ 'ପ୍ରତୀକ୍ଷା' ବେଶ୍ ଦର୍ଶକାଦୃତ ହୋଇଥିଲା। କେବଳ ସେତିକି ନୁହେଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଏହା ଶ୍ରେଷ୍ଠ ଓଡ଼ିଆ ସିନେମା ଭାବରେ ପୁରସ୍କୃତ ହୋଇଥିଲା। ଅନ୍ୟପକ୍ଷରେ ତାଙ୍କ ନିର୍ଦ୍ଦେଶିତ ତଥା ଅନୁଭବ ମହାନ୍ତିଙ୍କ ଅଭିନୀତ 'କର୍ମ' ଗତ ବର୍ଷ ବକ୍ସ ଅଫିସରେ ଆଶାତୀତ ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।

# ଯୋଗରୁ ଆରମ୍ଭ ହୁଏ ଦିନ

ଜ୍ୟାକଲିନ୍ ଫର୍ନାଣ୍ଡିସ ନିଜ ରୁଟିନ୍ ଲାଇଫକୁ ନେଇ ବେଶ୍ ସଚେତନ ଥାଆନ୍ତି। ଏହି ଅଭିନେତ୍ରୀ ପ୍ରତିଦିନ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା ହେଲା ଯୋଗ। ଏ ବିଷୟରେ ସେ କହନ୍ତି, ''ପ୍ରତିଦିନ ଯୋଗ କରିବା ମୋର ଏକ ପୁରୁଣା ଅଭ୍ୟାସ। ପାଠ ପଢ଼ିବା ବେଳୁ ମୁଁ ଯୋଗ ପ୍ରତି ଆକର୍ଷିତ ହୋଇଥିଲି। ଆଉ ସେହି ଧାରାକୁ ଏବେ ମଧ୍ୟ ବଜାୟ ରଖିଛି। ଯେତେ ବିଜି ସିଡ୍ୟୁଲ ଥିଲେ ମଧ୍ୟ ସକାଳୁ ଉଠି ପ୍ରଥମେ ଯୋଗ କରେ। ତା'ପରେ କିଛି ଏକ୍ସରସାଇଜ୍। କାରଣ ମୁଁ ସବୁବେଳେ ମୋ ଫିଟ୍‌ନେସ୍‌କୁ ଗୁରୁତ୍ୱ ଦେଇଥାଏ।'' ଅଭିନୟ ବ୍ୟତୀତ ଜ୍ୟାକଲିନ୍ ବିଜନେସ୍ ସହ ମଧ୍ୟ ଜଡିତ। କଲୋମ୍ବୋରେ ତାଙ୍କର 'କାଇମା ସୂତ୍ର' ନାମକ ଏକ ରେଷ୍ଟୁରାଣ୍ଟ ରହିଛି। ଏଠାରେ ଶ୍ରୀଲଙ୍କାର ବିଭିନ୍ନ ପାରମ୍ପରିକ ଖାଦ୍ୟ ମିଳିଥାଏ। କେବଳ ଇଂରାଜୀ ନୁହେଁ, ସେ ହିନ୍ଦୀ, ଫରାସୀ, ଆରବିକ୍ ଏବଂ ସ୍ପାନିଶ ଭାଷା ଭଲ ଭାବରେ କହିପାରନ୍ତି। ବଲିଉଡ୍‌ରେ ଇତିମଧ୍ୟରେ ତାଙ୍କର ୧୬ ବର୍ଷ ପୂରଣ ହୋଇଛି। ୨୦୦୯ରେ ସେ ହିନ୍ଦୀ ସିନେମାରେ ଡେବ୍ୟୁ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଫିଲ୍ମ ଥିଲା 'ଆଲ୍ଲାଦିନ୍'।


ଜ୍ୟାକଲିନ୍

# ଝିଅ ହେବ ଏମିତି

ଦକ୍ଷିଣ ଭାରତୀୟ ସିନେମାରେ ସେ ଜଣେ ବେଶ୍ ପରିଚିତା ଅଭିନେତ୍ରୀ। ଏପରିକି ଅଧିକ ପାରିଶ୍ରମିକ ନେଉଥିବା ତାଲିକାରେ ମଧ୍ୟ ତାଙ୍କର ନାମ ରହିଛି। ଇତିମଧ୍ୟରେ ସେ କେତୋଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ଅଭିନୟ ଦକ୍ଷତା ବଳରେ ସେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ହଁ, ସେହି ନାୟିକା ଜଣଙ୍କ ହେଉଛନ୍ତି ପୂଜା ହେଗଡେ। ପ୍ରଥମେ ମଡେଲିଂ ଆଉ ପରେ ଅଭିନୟ। ସଫଳତା ହାସଲ କରିବା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ହେଲେ ତା' ଭିତରେ ସେ ତାଙ୍କର ମା'ଙ୍କର ଏକ ଇଚ୍ଛାକୁ ପୂରଣ କରିଛନ୍ତି। ଏ ବିଷୟରେ ପୂଜା କହନ୍ତି, ''ବିବାହ ପରେ ମୋ ମା' ଭାରତନାଟ୍ୟମ ଶିଖିବାକୁ ଚାହୁଁଥିଲେ। କିନ୍ତୁ ପାପା ଏହାକୁ ବିରୋଧ କରିଥିଲେ। ଆଉ ମାମାଙ୍କ ଆଶା ମନ ଭିତରେ ମଉଳି ଯାଇଥିଲା। ପିଲାଦିନେ ଏ ବିଷୟରେ ମୁଁ ଯେତେବେଳେ ଜାଣିଲି ଭାରତନାଟ୍ୟମ ନୃତ୍ୟ ପ୍ରତି ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ଏବେ ମୁଁ ନିଜକୁ ଏ କ୍ଷେତ୍ରରେ ସଫଳ କରିପାରିଛି। ତା'ସହ ମୋ ମାମାଙ୍କର ସ୍ୱପ୍ନ ମଧ୍ୟ ସାକାର ହୋଇଛି।'' ୨୦୧୨ରେ ପୂଜାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ତାମିଲ ଫିଲ୍ମ 'ମୁଗାମ୍ମୋଡି' ଥିଲା ତାଙ୍କ ଅଭିନୀତ ପ୍ରଥମ ସିନେମା।


ପୂଜା



ଅନନ୍ୟା

# ଅନନ୍ୟାଙ୍କ ଚକୋଲେଟ୍ ଉପାଖ୍ୟାନ

ଚିଙ୍କି ତନୟା ଅନନ୍ୟା ପାଣ୍ଡେଙ୍କ ଚକୋଲେଟ୍ ଉପାଖ୍ୟାନକୁ ନେଇ ଏବେ ଚର୍ଚ୍ଚା। ସେ ଯୁଆଡେ ଗଲେ ଏହା ଉପରେ କହିବାକୁ ଭୁଲୁ ନାହାନ୍ତି। ଯଦି କେତେଜଣ ସାଙ୍ଗ ଭେଟ ହୋଇଗଲେ ତେବେ ସେହି ଖଟିରେ କେବଳ ଚକୋଲେଟ୍ ଉପରେ ହିଁ ଆଲୋଚନା କରନ୍ତି। ହେଲେ କାହିଁକି? ଏହା ପଛରେ ନିଶ୍ଚୟ କିଛି କାରଣ ଥିବ। କଥା କ'ଣ କି ଅନନ୍ୟା ପିଲାଦିନେ ଚକୋଲେଟ୍ ଖାଇବାକୁ ଭଲ ପାଉଥିଲେ। ଆଉ ଧୀରେ ଧୀରେ ତାହା ଏକ ଅଭ୍ୟାସରେ ପରିଣତ ହୋଇଗଲା। ଏବେ ବି ସେ ଦିନକୁ ୩-୪ଟି ଚକୋଲେଟ୍ ନ ଖାଇଲେ ତାଙ୍କୁ କିଛି ମିସ୍ କଲା ଭଳି ଲାଗିଥାଏ। ଏ ବିଷୟରେ ସେ କହନ୍ତି, ''ମୋତେ ଯଦି ମୋ ମନ ପସନ୍ଦର ଚକୋଲେଟ୍ ମିଳିଗଲା, ମୋର ଆଉ କିଛି ଦରକାର ହୁଏନା । ଟାଇମ୍ ପାସ୍ ପାଇଁ ଏହା ହିଁ ସଫିସେଣ୍ଟ। ମୁଁ ଯେତେବେଳେ ବାହାରକୁ କି ଶୁଟିଂ ସେଟ୍‌କୁ ଯାଏ, ସାଙ୍ଗରେ ଭିନ୍ନ ଭିନ୍ନ ଭେରାଇଟିର ଚକୋଲେଟ୍ ନେଇଥାଏ। ନିଜ ତ ଖାଏ, ତା'ସହ କୋ-ଆର୍ଟିଷ୍ଟ ଏବଂ ଶୁଟିଂ ସେଟ୍‌ରେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦେଇଥାଏ। ଯଦି ଶପିଂ ପାଇଁ ଯାଏ ତେବେ ନିଶ୍ଚୟ ଚକୋଲେଟ୍ କିଣିବାକୁ ମୁଁ ପ୍ରାଥମିକତା ଦେଇଥାଏ।'' କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦି ଇୟର ୨'ରୁ ସେ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ଇତି ମଧ୍ୟରେ ମାତ୍ର ହାତଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି ଆଉ ଆଶା ରଖିଛନ୍ତି ଦିନେ ନା ଦିନେ ସେ ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚୟ ସୃଷ୍ଟି କରିବେ।

# ଅଭିନେତା ହୋଇ ନ ଥିଲେ..

ବରୁଣ ଧାୱନ ଯଦି ଅଭିନେତା ହୋଇ ନ ଥାନ୍ତେ ତେବେ କାହାକୁ କ୍ୟାରିୟର ଭାବରେ ଗ୍ରହଣ କରିଥାଆନ୍ତେ ? ବଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କର ଏହି ପୁତ୍ର ଯେତେବେଳେ ପାଠ ପଢୁଥିଲେ ସେତେବେଳେ ଭବିଷ୍ୟତରେ ଜଣେ ରେସଲର ହେବାକୁ ଆଶା ରଖିଥିଲେ। ଏପରକି ଏ ନେଇ କିଛି ମାସ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ। କିନ୍ତୁ ପରେ ଯେବେ ବିଜନେସ୍ ମ୍ୟାନେଜମେଣ୍ଟ ପଢ଼ିଲେ ଏସବୁରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ବରୁଣ ଯେ ଆକ୍ଟିଂକୁ ଶୀଘ୍ର କ୍ୟାରିୟର କରୁ ତାହା ଡେଭିଡ୍ ଚାହୁଁ ନ ଥିଲେ। ତେଣୁ ପାଠ ପଢ଼ିବା ଉପରେ ଗୁରୁତ୍ୱ ଦେଉଥିଲେ। ପାଠ ପଢ଼ା ଶେଷ ହେବା ପରେ ବରୁଣ ସହ ସହ-ନିର୍ଦ୍ଦେଶକ ଭାବରେ କିଛି ଦିନ କାମ କରିଥିଲେ। କରନ୍ ଜୋହରଙ୍କ 'ମାଇଁ ନେମ୍ ଇଜ୍ ଖାନ୍'ରେ ସେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ ନିଜ ଦାୟିତ୍ୱକୁ ବେଶ୍ ସୂଚାରୁ ରୂପେ ତୁଲାଇଥିଲେ। ଆଉ ଏକ ରୋଚକ କଥା ହେଉଛି 'ମେଁ ତେରା ହୀରୋ'ରେ ସେ ଜଣେ ଗାୟକ ଭୂମିକାରେ ଅଭିନୟ କରିଥିଲେ। ଏଥିପାଇଁ ତାଙ୍କୁ କିଛି ଦିନ ଗୀତ ଶିଖିବାକୁ ପଡିଥିଲା। ଏହାବାଦ ବରୁଣ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ଥାଆନ୍ତି। ଅର୍ଜୁନ କପୁରଙ୍କ ସହ ତାଙ୍କର ନିବିଡ ବନ୍ଧୁତା ରହିଛି। ଏପରକି ପ୍ରତିଦିନ ଦୁହେଁ ମୋବାଇଲ୍‌ରେ ଦୀର୍ଘ ସମୟ ଧରି କଥା ହୁଅନ୍ତି। ତାଙ୍କର ମନ ପସନ୍ଦର କ୍ରିକେଟ ଖେଳାଳୀ ହେଉଛନ୍ତି ସଚିନ ତେନ୍ଦୁଲକର। ସଚିନଙ୍କ ଜନ୍ମଦିନରେ ସେ ଯେମିତି ହେଲେ ବାର୍ଥ ଡେ' ଉଇସ୍ କରିଥାଆନ୍ତି।


ବରୁଣ

## ପ୍ରଥମ ରୋଜଗାର

# ବାପାଙ୍କୁ ଦେଇଥିଲି ନୂଆ ସାଇକେଲ୍



ଲେଖକ ଇଂ ଆଶୁତୋଷ ଧଳ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

୧୯୯୩ ମସିହା ଅଗଷ୍ଟ ମାସରେ ମୁଁ ପ୍ରଥମେ ଚାକିରି ପାଇଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବାଲେଶ୍ୱରର ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଅଧୀନରେ କନିଷ୍ଠ ଯନ୍ତ୍ରୀ ଭାବେ। ସେଦିନ ଅଫିସ୍‌ରେ ଯୋଗଦେଲା ପରେ ଯେବେ ଚେୟାର ଉପରେ ବସିଲି ମୋ ପୁରୁଣା ସ୍ମୃତିଗୁଡ଼ିକ ଆପେ ଆପେ ମନରେ ଉଙ୍କି ମାରୁଥିଲା। ଅଭାବ, ଅନଟନ, ସଂଗ୍ରାମ ଓ କଷଣ ଭିତରେ ଅନେକ ବର୍ଷ ବିତିଯାଇଛି ଆମ ପାଠପଢ଼ାରେ। ନୀଳଗିରିରେ ହାଇସ୍କୁଲ, ଯୁକ୍ତ୨ ଭଦ୍ରକ କଲେଜ ଏବଂ ତା'ପରେ କୃଷି ଯାନ୍ତ୍ରିକ ବିଦ୍ୟାଳୟରେ ବି.ଟେକ୍। ବାପାଙ୍କର ଶିକ୍ଷକ ଚାକିରିକୁ ଆମେ ଚାରି ଭାଇ ଓ ଜଣେ ଭଉଣୀ। ଗୁଣ୍ଠ ଶୂନ୍ୟ ଜମି ଆମର। ଘର ଡିହ ଖଣ୍ଡକ ବ୍ୟତୀତ ଆଉ କିଛି ନାହିଁ। ବାପା କାହିଁ କେବେଠୁ ୨୫୦ ଟଙ୍କା ଦେଇ ସେକେଣ୍ଡହ୍ୟାଣ୍ଡ ସାଇକେଲଟିଏ କିଣି ସେଇଥିରେ ସ୍କୁଲକୁ ଯିବା ଆସିବା କରନ୍ତି। ପାଦରେ ପୁରୁଣା ଚପଲ, ଧୋତି ପଞ୍ଜାବିରେ ସେ ଯେବେ ସ୍କୁଲ ଯାଆନ୍ତି ମୋ ହୃଦୟଟା କେମିତି ଗୋଟେ କୋହରେ ଫାଟି ପଡ଼େ। ବାପାଙ୍କ ସହ ଅନେକ ଥର ସେଇ ପୁରୁଣା ସାଇକେଲରେ ମୁଁ ହାଟ ବଜାର ଯାଇଛି। ଆଗରେ ବସି ମୁଁ ଭରପୂର ମଜା ଉଠେଇଛି। ବାପାଙ୍କ ଅନିଚ୍ଛା ସତ୍ତ୍ୱେ ସାଇକେଲରେ ଘଣ୍ଟି କ୍ରିଂ କ୍ରିଂ ବଜାଇ ଆନନ୍ଦ ନେଇଛି। ଆମେ ଦୁଇଭାଇ ଯେବେ ସ୍କୁଲରୁ ଫେରୁ ବାପାଙ୍କ ସାଇକେଲ ଚଲାଇବା ପାଇଁ ଆମେ ଦୁଇ ଭାଇ ମାରପିଟ ହେଉ। ଜେଜେମା' ଆମ ଘର ତାଟି ପାଖରେ ଛିଡ଼ା ହୁଏ। ବଡ଼ ଭାଇ କିଛି ସମୟ ସାଇକେଲ ଚଲାଏ ତା'ପରେ ମୋର ପାଳି। ଏମିତି ଆମେ ପାଳି କରି ସାଇକେଲ ଚଲାଉ। ପୁରୁଣା ସାଇକେଲ। ସବୁବେଳେ ମରାମତିର ଆବଶ୍ୟକତା ପଡ଼େ। କେତେବେଳେ ଟାୟାର ତ କେତେବେଳେ ରିମ୍ ଲଗାଇବାକୁ ପଡ଼େ। ସେଇଟିକୁ ମରାମତି କରି ବାପା ତାଙ୍କ ଦୈନନ୍ଦିନ କାର୍ଯ୍ୟ ତୁଲାଇ ନିଅନ୍ତି। ଦୁଇ ଓଳି ଠିକ୍ ସେ ଖାଇବାକୁ ନ ଥିଲା ବେଳେ ନୂଆ ସାଇକେଲ କଥା କାହିଁକି ସେ ଭାବିବେ। ପିଲାମାନଙ୍କୁ ମଣିଷ କରିବା ନିଶାରେ ସେ ନିଜକୁ ଭୁଲି ଯାଇଥିଲେ। ମୋ ପ୍ରଥମ ଦରମା ମିଳେ ସେପ୍ଟେମ୍ବର ମାସରେ। ୨୨୫୦ ଟଙ୍କା ଦରମା। ମୋ ହାତକୁ ଯେବେ ଟଙ୍କା ଆସିଲା ମୁଁ ବେଶ୍ ଆନନ୍ଦିତ ଥିଲି। ମୋ ଜୀବନର ପ୍ରଥମ ରୋଜଗାର। କ'ଣ କରିବି କିଛିକ୍ଷଣ ଭାବିଲି। ତହିଁ ପରଦିନ ଅଫିସରୁ ଛୁଟି ନେଇ ମୁଁ ଫକୀର ମୋହନ ଗୋଲେଇ ଛକ ନିକଟସ୍ଥ ସାଇକେଲ ଷ୍ଟୋରକୁ ଗଲି। ୨୪ ଇଞ୍ଚିଆ ହିରୋ ସାଇକେଲଟିଏ ୧୦୫୦ ଟଙ୍କା ଦେଇ କିଣିଲି। ସିଟ୍ କଭର୍, ବେଲ୍, ଚେନ କଭର୍, କିଛି ପ୍ଲାଷ୍ଟିକ ଫୁଲ କିଣି ସାଇକେଲରେ ଲଗାଇଲି। ବାଲେଶ୍ୱର ସଦର ମହକୁମାଠାରୁ ଆମ ଗାଁ ଗଡ଼ସାହି ବାଲିଆପାଳ ପ୍ରାୟତଃ ପଚାଶ କିଲୋମିଟର ହେବ। ଭାଦ୍ରବ ମାସ। ଆକାଶରେ ମେଘମାଳା। ମୁଁ ସାଇକେଲ ଚଲାଇ ବାହାରିଲି ବାଲେଶ୍ୱରରୁ ଆମ ଗାଁକୁ। ଅନେକ ଛକ ବଜାର ଅତିକ୍ରମ କରି ଦୀର୍ଘ ୪ ଘଣ୍ଟା ଅନବରତ ସାଇକେଲ ଚଲାଇ ମୁଁ ପହଞ୍ଚିଲି ଅପରାହ୍ନ ପାଞ୍ଚଟାରେ ଆମ ଘରେ। ସାଇକେଲ ରଖି ମୁଁ ଆମର ସେ ଉଚ୍ଚା ଉଚ୍ଚା ମାଟି ପିଣ୍ଡାକୁ ଚଢ଼ିଗଲି। ବାପା ଘର ଭିତରୁ ବାହାରି ଆସିଲେ। ନୂଆ ସାଇକେଲଟିକୁ ବାପାଙ୍କୁ ଉପହାର ଦେଲି। ବାପାଙ୍କ ଆଖିକୋଣରେ ଲୁହଗୁଡ଼ାକ ଜମାଟ ବାନ୍ଧୁଥିଲେ। ସେ ମୋତେ କୁଣ୍ଢାଇ ପକାଇଲେ। ତା'ପରେ ବାପାଙ୍କ ହାତରେ ବାକିତକ ଟଙ୍କା ଧରାଇଦେଲି। ତାଙ୍କ ଅବୁଝା ଆଖିରୁ ଲୁହଗୁଡ଼ାକ ଟପ୍‌ଟାପ୍ ହୋଇ ଝରିପଡୁଥିଲେ ; ଯାହାକୁ ଦେଖି ମୋ ଆଖିରେ ବି ଲୁହ ଆସିଯାଇଥିଲା। ବାପାଙ୍କ ଆଶୀର୍ବାଦରୁ ମୋର ଚାକିରି ଜୀବନ ସହ ଲେଖାଲେଖିର ଧାରା ବି ବେଶ୍ ସୁରୁଖୁରୁରେ ଆଗେଇ ଚାଲିଛି। ଯା'ଭିତରେ ମୋର ୬ଟି ଗପ ଓ ୧ଟି ଉପନ୍ୟାସ ପୁସ୍ତକ ପ୍ରକାଶ ପାଇସାରିଛି। ଏପରିକି ମୋ ଲିଖିତ ଦୁଇଟି ଟେଲି ଫିଲ୍ମ 'ମୋ ଗାଁ ମୋ ମା'' ଏବଂ 'ଇତି ତୁମର ମୁଁ' ଦୂରଦର୍ଶନରେ ପ୍ରସାରଣ ହୋଇ ଦର୍ଶକଙ୍କ ଦ୍ୱାରା ଆଦୃତିଲାଭ ମଧ୍ୟ କରିସାରିଛି।

# ମନରେ ଭରିଛି ପ୍ରେମର ତାତି ସରିନି ସପନ ପାହିଲା ରାତି

## ସାଥୀ



**ପ୍ରଶ୍ନ**–ମୁଁ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛି। ପରିସ୍ଥିତି ଏପରି ହୋଇ ଯାଇଛି ଯେ ତା' ବିନା ମୁଁ ବଞ୍ଚି ପାରିବି ନାହିଁ। ହେଲେ ମୋର ଏହି ପ୍ରେମ ବାସ୍ତବରେ ନୁହେଁ ସପନରେ ଚାଲିଛି। ତାହା କ'ଣ ସତ ହେବ ?

*–ପ୍ରଦୀପ କୁମାର ନାୟକ, କଟକ*

**ଉତ୍ତର:** ପ୍ରେମରେ ଯଦି ବାସ୍ତବତା ନାହିଁ, ତେବେ ତାହା ମୂଲ୍ୟହୀନ, ସ୍ୱାଦହୀଦ ଏବଂ ତାହାର ଭବିଷ୍ୟତ ବିଷୟରେ ଚିନ୍ତା ନ କରିବା ଭଲ। ଆପଣ ସପନ ରାଇଜରେ ଘୁରି ବୁଲୁଛନ୍ତି। ଆଉ ତା' ଭିତରେ ଜଣେ ସୁନ୍ଦରୀ ଆପଣଙ୍କ ମନ ରାଇଜକୁ ଆସିଛି। ତାକୁ ଆପଣ ଭଲ ପାଇ ବସିଛନ୍ତି। ପୁଣି ଉଲ୍ଲେଖ କରିଛନ୍ତି ଯେ, ତା' ବିନା ଆପଣ ବଞ୍ଚିପାରିବେ ନାହିଁ। ଆପଣଙ୍କର ଏହି ପ୍ରେମରେ ନିବିଡତା ଥାଇପାରେ ହେଲେ ବାସ୍ତବତାର ମହକ ଟିକିଏ ହେଲେ ନାହିଁ। 'ମନରେ ଭରିଛି ପ୍ରେମର ତାତି, ସରିନି ସପନ ପାହିଲା ରାତି।' ତେଣୁ ବାସ୍ତବତାକୁ ଆସନ୍ତୁ। ଯଦି ଭଲ ମନର ମାନସୀଟିଏ ମିଳୁଛି ତେବେ ବହି ଫିଟ୍ କରି ପ୍ରେମର ଅସଲ ମଜା ନିଅନ୍ତୁ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଗତ ତିନି ବର୍ଷ ହେଲା ଭଲ ପାଉଛି। ସେ ମଧ୍ୟ ମୋତେ ଭଲ ପାଉଛି। ହେଲେ ଏବେ ତା' ମନ ବଦଳିଲା ପରି ଲାଗୁଛି। କ'ଣ କରିବି ?

*–ସମରଜିତ ପରିଡା, ଢେଙ୍କାନାଳ*

**ଉତ୍ତର:** ଆପଣଙ୍କ ମନରେ ଏବେ ଯେଉଁ ପ୍ରଶ୍ନଟି ଉଠିଛି ତାହାକୁ ହାଲକା ଭାବରେ ନିଅନ୍ତୁ ନାହିଁ। କେତେକ ପ୍ରେମିକାଙ୍କ ମନ ଅଦିନିଆ ମେଘ ପରି। ତାକୁ ଭରଷା କରି ଆଗକୁ ଆଗେଇବା ଅନେକ ସମୟରେ ବୋକାମିର ପରିଚୟ ହୋଇଥାଏ। ଆପଣଙ୍କ ପ୍ରେମିକାର ମନ ବଦଳି ଯାଇଛି ବୋଲି ଯଦି ଆପଣଙ୍କୁ ଲାଗୁଛି, ତେବେ ତା' ପଛରେ କେତେ ସତ୍ୟତା ଅଛି ତାହାକୁ ତର୍ଜମା କରନ୍ତୁ। ଯଦି ଏହା ସତରେ ପରିଣତ ହୁଏ ତେବେ ଆଉ ଆଗକୁ ନ ଆଗେଇ ସେଇଠାରେ ହିଁ ସେଭଳି ପ୍ରେମର ଦ ଏଣ୍ଡ କରି ଦିଅନ୍ତୁ। ନ ହେଲେ ଯେତେବେଳେ ନେଡି ଗୁଡ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**–ମୁଁ ଏବେ ମୋ ଶାଳୀ ପ୍ରେମରେ ପଡିଯାଇଛି। ଆମର ଏଭଳି ପ୍ରେମ ସଫଳ ହେବ ତ ?

*–ଆଦିତ୍ୟ କୁମାର ଦାସ, ବ୍ରହ୍ମପୁର*

**ଉତ୍ତର:** କଥାରେ ଅଛି–ଶାଳୀ, ହୋଇଥାଉ ପଛେ କାଳି, ମିଠା ଲାଗେ ତାର ଗାଳି, ଠିକ୍ ଚନ୍ଦନ ଲେପନ ଭଳି। ଶାଳୀ–ଭିଣୋଇ ଭିତରେ ନୋକ୍ ଝୋକ୍ ପ୍ରାୟ ଚାଲିଥାଏ। ଆଉ ତା'ଭିତରେ ଆପଣ ନିଜ ଶାଳୀକୁ ମନ ଦେଇ ବସିଛନ୍ତି। ହେଲେ ଟିକେ ଯଦି ଥଣ୍ଡା ମନରେ ଚିନ୍ତା କରିବେ ତେବେ ଏହାର ଭବିଷ୍ୟତ ଆପଣଙ୍କୁ କ୍ଲିୟର ଦେଖାଯିବ। ଏ ବିଷୟରେ ଯଦି ଆପଣଙ୍କର ପତ୍ନୀ, ଘର ଲୋକ ଜାଣନ୍ତି, ତେବେ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଯଦି ଏହି ପ୍ରେମ ପ୍ରାରମ୍ଭିକ ସ୍ତରରେ ଅଛି ତେବେ ତାହାକୁ କ୍ଲୋଜ୍ କରିଦେବା ଭଲ। ନ ହେଲେ ଭବିଷ୍ୟତରେ ତାହା ନିଜ ଗୋଡରେ ନିଜେ କୁରାଢ଼ି ମାରିଲା ଭଳି ହେବ।

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ?

*–ଅମର, ନବରଙ୍ଗପୁର*

**ଉତ୍ତର:** ଯାହାହେଉ ଆପଣ ଜଣେ ଭାଗ୍ୟବାନ ପ୍ରେମିକ। ଆପଣଙ୍କୁ ଦେଖି ଦୁଇ ଜଣ ଝିଅ ହସୁଛନ୍ତି। କିନ୍ତୁ ଆପଣ ଦୋଛକିରେ ପଡିଛନ୍ତି ଯେ ଆପଣ କାହାକୁ ପ୍ରକୃତରେ ପ୍ରେମ କରିବେ ? ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

ଟ୍ରେଣ୍ଡି

# ହ୍ୱାଇଟ୍ କଲର୍ ନେଲ୍ଆର୍ଟ



**ଫ୍ୟାଶନେବଲ୍ ଲୁକ୍ ପାଇବାକୁ ହେଲେ ଝିଅମାନଙ୍କୁ ନିଜ ଚେହେରା ସଙ୍ଗେସଙ୍ଗେ ହାତର ବି ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ହୋଇଥାଏ। କାରଣ ବେଳେବେଳେ ଲୋକଙ୍କ ନଜର ମୁହଁ ସହିତ ହାତ ଉପରକୁ ବି ଯାଇଥାଏ। ଯାହାକୁ ନଜରରେ ରଖି ଝିଅମାନେ ଏବେ ହାତରେ ବିଭିନ୍ନ ପ୍ରକାର ନେଲ୍ଆର୍ଟ କରୁଥିବାର ଦେଖିବାକୁ ମିଳୁଛି। ହ୍ୱାଇଟ୍ କଲର୍ ନେଲ୍ଆର୍ଟ ହେଉଛି ସେମିତି ଏକ ଟ୍ରେଣ୍ଡି ନେଲ୍ଆର୍ଟ। ଜାଣନ୍ତୁ ଏହାର କିଛି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**







* **ଷ୍ଟାର୍ ଡିଜାଇନ୍ ହ୍ୱାଇଟ୍ କଲର୍ ନେଲ୍ଆର୍ଟ:** ଯେଉଁମାନଙ୍କର ସିମ୍ପଲ୍ ନେଲ୍ଆର୍ଟ ପସନ୍ଦ ; ସେମାନଙ୍କ ପାଇଁ ଏହି ଷ୍ଟାର ଡିଜାଇନ୍‌ର ହ୍ୱାଇଟ୍ କଲର୍ ନେଲ୍ଆର୍ଟ ଏକ ପରଫେକ୍ଟ ଅପ୍ସନ ହୋଇପାରିବ। ଏଥିପାଇଁ ବେସ୍ କଲର୍ ଭାବେ ନଖରେ ହ୍ୱାଇଟ୍ କଲର୍ ନେଲ୍ପଲିସ୍‌କୁ ପ୍ରଥମେ ଲଗାଯିବ। ତା'ପରେ ଗୋଲ୍ଡେନ୍ କଲର୍ ନେଲ୍ପଲିସ୍‌ରେ ଛୋଟ ଛୋଟ ଷ୍ଟାର୍ ଡିଜାଇନ୍ କରାଯିବ। ବାସ୍ ଏତିକିରେ ହିଁ ହାତ ଆକର୍ଷଣୀୟ ଦେଖାଯିବ। ହ୍ୱାଇଟ୍ ହେଉ ଅବା ଗୋଲ୍ଡେନ୍ କଲର୍ ଆଉଟ୍‌ଫିଟ୍ ସାଙ୍ଗେ ଏହି ନେଲ୍ଆର୍ଟ ଖୁବ୍ ସୁନ୍ଦର ଲାଗିବ।
* **ଚେରି ଏବଂ ବୋ ଡିଜାଇନ୍‌ର ହ୍ୱାଇଟ୍ କଲର୍ ନେଲ୍ଆର୍ଟ:** ଏହି ଡିଜାଇନ୍‌ର ନେଲ୍ଆର୍ଟ ବି ଝିଅମାନଙ୍କ ହାତକୁ ଖୁବ୍ ସୁନ୍ଦର ମାନିଥାଏ। ଏଥିପାଇଁ ବେସ୍ କଲର୍ ଭାବେ ପ୍ରତି ନଖରେ ପ୍ରଥମେ ହ୍ୱାଇଟ୍ ନେଲ୍ପଲିସ୍ ଲଗାଇ କିଛି ନଖରେ ରେଡ୍ କଲର୍ ନେଲ୍ପଲିସ୍‌ରେ ଚେରି ଡିଜାଇନ୍ କରିବା ସହ ଆଉ କିଛି ନଖରେ ଅନ୍ୟ କୌଣସି ରଙ୍ଗର ନେଲ୍ପଲିସ୍‌ରେ ଛୋଟ ଛୋଟ ବୋ ଡିଜାଇନ୍ ବି କରିପାରିବେ। ଏହି ଟାଇପ୍‌ର ନେଲ୍ଆର୍ଟ ସାଙ୍ଗକୁ ହ୍ୱାଇଟ୍ ହେଉ କି ରେଡ୍ କଲର୍ ଅଥବା ଯେଉଁ ରଙ୍ଗର ନେଲ୍ପଲିସ୍‌ରେ ନଖରେ ବୋ ଡିଜାଇନ୍ କରିଥିବେ, ସେହି ରଙ୍ଗର ଆଉଟ୍‌ଫିଟ୍ ପିନ୍ଧି ବେଶ୍ ଆରାମରେ ଟ୍ରେଣ୍ଡି ଲୁକ୍ ପାଇପାରିବେ।
* **ଫ୍ଲାୱାର୍ ଡିଜାଇନ୍ ହ୍ୱାଇଟ୍ କଲର୍ ନେଲ୍ଆର୍ଟ:** ଏହି ନେଲ୍ଆର୍ଟ ବି ହାତକୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏଥିପାଇଁ ବେସ୍ କଲର୍ ଭାବେ ନଖରେ ହ୍ୱାଇଟ୍ କଲର୍‌ର ନେଲ୍ପଲିସ୍ ଲଗାଇବା ପରେ ତା'ଉପରେ ପିଙ୍କ୍ କଲର୍ ନେଲ୍ପଲିସ୍‌ରେ ନିଜ ପସନ୍ଦ ମୁତାବକ ଛୋଟ ଛୋଟ ଫ୍ଲାୱାର୍ ଡିଜାଇନ୍ କରିଦେଲେ ନଖର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ବଢିଯିବା ପରି ଲାଗିବ। ଫ୍ଲୋରାଲ୍ ଆଉଟ୍‌ଫିଟ୍ ହେଉ କି ନର୍ମାଲ୍ ହ୍ୱାଇଟ୍ କଲର୍‌ର ଆଉଟ୍‌ଫିଟ୍ ସାଙ୍ଗେ ଏହି ନେଲ୍ଆର୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ।
* **ହ୍ୱାଇଟ୍ କଲର୍ ଗ୍ଲିଟର୍ ନେଲ୍ଆର୍ଟ:** ଏହା ଏକ ସିମ୍ପଲ ନେଲ୍ଆର୍ଟ। ନଖରେ କେବଳ ହ୍ୱାଇଟ୍ କଲର୍ ଗ୍ଲିଟର୍ ନେଲ୍ପଲିସ୍‌ର ଏକ କୋଟ୍ ଲଗାଇଦେଲେ ଏହା ଆରାମରେ ନଖକୁ ଆକର୍ଷଣୀୟ ଲୁକ୍ ଦେଇଦିଏ। ଏହାକୁ କରିବା ବି ବହୁତ ସହଜ ହୋଇଥାଏ।
* **ହ୍ୱାଇଟ୍ ବଟର୍‌ଫ୍ଲାଏ ନେଲ୍ଆର୍ଟ:** ଏହି ନେଲ୍ଆର୍ଟ ପାଇଁ ପ୍ରଥମେ ବେସ୍ କଲର୍ ଭାବେ ନଖରେ ହ୍ୱାଇଟ୍ ନେଲ୍ପଲିସ୍ ଲଗାଇ ତା'ଉପରେ ବ୍ଲୁ କଲର୍ ହେଉ କି ପିଙ୍କ୍ କଲର୍ ଅଥବା ନିଜ ପସନ୍ଦ ମୁତାବକ ଯେ କୌଣସି କଲର୍‌ର ନେଲ୍ପଲିସ୍‌ରେ ଛୋଟ ଛୋଟ ପ୍ରଜାପତିର ଚିତ୍ର କରିଦେଲେ ଏହା ନଖକୁ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ।
* **ଷ୍ଟୋନ୍ ଷ୍ଟଡେଡ୍ ହ୍ୱାଇଟ୍ ନେଲ୍ଆର୍ଟ:** ହ୍ୱାଇଟ୍ କଲର୍ ନେଲ୍ପଲିସ୍‌କୁ ବେସ୍ କୋଟ୍ ଭାବେ ନଖରେ ଲଗାଇବା ପରେ ଛୋଟ ଛୋଟ କଲର୍‌ଫୁଲ୍ ଷ୍ଟୋନକୁ ଅଠା ସାହାଯ୍ୟରେ ନଖରେ ଲଗାଇ ନଖକୁ ଟିକେ ଭିନ୍ନ ଲୁକ୍ ବି ଦେଇପାରବେ।

କେବଳ ଏତିକି ନୁହେଁ, ଏହିପରି ନିଜ ଆଇଡିଆରେ ନଖରେ ହ୍ୱାଇଟ୍ କଲର୍ ନେଲ୍ପଲିସ୍ ଲଗାଇ ତା'ଉପରେ ଯେ କୌଣସି ଡିଜାଇନ୍ କରି ବି ହାତ ସହିତ ନିଜ ଲୁକ୍‌କୁ ମଧ୍ୟ ହାଇଲାଇଟ୍ କରିପାରିବେ।









## ହାଃ ହାଃ

### ଡ଼ର

ଡାକ୍ତର ରୋଗୀକୁ: ତମେ ଏବେ ସମ୍ପୂର୍ଣ୍ଣ ଭଲ ହେଇଗଲଣି। ତଥାପି ଏତେ ଡ଼ରୁଛ କାହିଁକି ?
ରୋଗୀ: ସାର୍, ମୋର ଯେଉଁ ଗାଡି ସହ ଧକ୍କା ହେଇଥିଲା ସେଥିରେ ଲେଖା ହେଇଥିଲା– 'ଜୀବନ ରହିଲେ ପୁଣି ମିଶିବା'।

### ପରିଣିବା

ଗୋପୀ ଓ ରାଜୁ ଗୋଟିଏ ଶ୍ରେଣୀରେ ଦୁଇ ଥର ଫେଲ ହେବାପରେ ଗୋପୀ: ସାଙ୍ଗ, ଆମେ ଦୁଇ ଦୁଇ ଥର ଫେଲ୍ ହେଲେଣି। ଭାରି ଲାଜ ଲାଗୁଛି। ମୁହଁ ଦେଖେଇ ହଉନି। ଚାଲ୍ ଦୁଇଜଣଯାକ ଆତ୍ମହତ୍ୟା କରିଦେବା।
ରାଜୁ: ପାଗଳ ହେଲୁ ନା କ'ଣ ? ମରିକି ଆଉ ଥରେ ଜନ୍ମ ହେଇ କ'ଣ ପୁଣିଥରେ ଆରମ୍ଭରୁ ପଢିବା ?

### କୁକୁର

ଝଗଡା ପରେ ସ୍ତ୍ରୀ ସ୍ୱାମୀଙ୍କୁ: ଆସ ଖାଇବ।
ସ୍ୱାମୀ: ମୁଁ ଖାଇବିନି। ତମ ହାତରନ୍ଧା ତ କୁକୁର ଖାଇବନି।
ସ୍ତ୍ରୀ: ସେଇଥିପାଇଁ ତ ତମକୁ ଡାକୁଛି ଖାଇବ ବୋଲି।

### କବାଟ

ଗୋବିନ୍ଦ ନୂଆ ସାଙ୍ଗ ହେଇଥିବା ମନୁଆକୁ: ଜାଣିଛୁ, କାଲି ପେଟେ ପିଇ ଦେଇଥିଲି। ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ହେଲାଣି। ଯେତେ କବାଟ ବାଡେଇଲି ସ୍ତ୍ରୀ ଫିଟେଇଲା ନାହିଁ। ବାଧ୍ୟ ହେଇ ବାରଣ୍ଡାରେ ଶୋଇଲି। ସକାଳକୁ ଉଠି ଦେଖିଲି ମୁଁ ବାରଣ୍ଡାରେ ଶୋଇଛି। ଘରେ ତାଲା ଝୁଲୁଛି।
ମନୁଆ: ତା'ପରେ କ'ଣ କଲୁ ?
ଗୋବିନ୍ଦ: ପକେଟ୍ ଅଣ୍ଡାଳିଲି ଚାବି ଥିଲା। ଆଉ ମନେ ପଡିଗଲା, ଆରେ ମୁଁ ତ ବାହା ହେଇନି।

# ଖଣ୍ଡପଡ଼ା ରାଜବାଟୀ





ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ

ଓଡ଼ିଶାର ଗଡ଼ଜାତ ଅଞ୍ଚଳ ମଧ୍ୟରେ ଖଣ୍ଡପଡ଼ା ଥିଲା ଅନ୍ୟତମ। ଖଣ୍ଡପଡ଼ାର ପବିତ୍ର ମାଟିରେ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ ଜନ୍ମଲାଭ କରିଥିଲେ। ପଣ୍ଡିତ ଦୀନବନ୍ଧୁ ଖାଡ଼ଙ୍ଗା ସଂସ୍କୃତ ଭାଗବତକୁ ଅନୁବାଦ କରି ଗ୍ରନ୍ଥ ରଚନା କରିଥିଲେ। ଖଣ୍ଡପଡ଼ା ରାଜବଂଶର ପରିଚୟ ସମ୍ପର୍କରେ ଅନେକ ବିଦ୍ୱାନ ଇତିହାସ ଲେଖିଛନ୍ତି। ସେହିପରି ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ 'ଖଣ୍ଡପଡ଼ା ଇତିହାସ' ଅନୁଯାୟୀ ଏହି ରାଜ ପରିବାର ମଧ୍ୟପ୍ରଦେଶର ରିୱାର ବଘେଲ ନାମକ ରାଜବଂଶର ଦାୟାଦ ଥିଲେ। ରିୱାର ବଘେଲ ବଂଶୀମାନେ ସୂର୍ଯ୍ୟବଂଶୀ ରାଜା ଥିଲେ। ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ବଂଶର ଦୁଇ ରାଜପୁତ୍ର ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ, ଅଶ୍ୱ ଆରୋହଣ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ର ଧାମରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କର ବାଣପୁର ରାଜାଙ୍କ ସହ ପରିଚୟ ହୋଇଥିଲା ଓ ରାଜାଙ୍କ ସହାୟତାରେ ଅନେକ ଛୋଟ ବଡ଼ ରାଜ୍ୟ ଜୟ କରିଥିଲେ। ବଡ଼ଭାଇ ସୂର୍ଯ୍ୟମଣି ନୟାଗଡ଼ ରାଜ୍ୟରେ ଏବଂ ସାନଭାଇ ଚନ୍ଦ୍ରମଣି କୋଦଳା ଆଠଗଡ଼ ରାଜ୍ୟରେ ରାଜୁତି କରୁଥିଲେ। କିନ୍ତୁ ସୂର୍ଯ୍ୟମଣିଙ୍କ ବଂଶଧରମାନେ ପୁତ୍ରପୌତ୍ରଦିକ୍ରମେ ନୟାଗଡ଼ ରାଜ୍ୟ ଶାସନ କଲେ। ଏହି ରାଜବଂଶର ଦ୍ୱାଦଶ ରାଜାଙ୍କ ନାମ ଥିଲା ରଘୁରାଥ ନରେନ୍ଦ୍ର। ରଘୁନାଥଙ୍କର ୩ପୁତ୍ର ଥିଲେ। ସେମାନେ ହେଲେ– ହରିହର, ଯଦୁନାଥ ଓ କୃଷ୍ଣବଳିୟାର ସିଂହ। ପିତାଙ୍କ ମୃତ୍ୟୁପରେ ଜ୍ୟୋଷ୍ଠପୁତ୍ର ହରିହର ନରେନ୍ଦ୍ର ୧୫୯୯ ମସିହାରେ ନୟାଗଡ଼ ରାଜସିଂହାସନ ଆରୋହଣ କଲେ। ମଧ୍ୟମପୁତ୍ର ଯଦୁନାଥ ମଙ୍ଗରାଜ ଉପାଧି ଧାରଣକରି ଖଣ୍ଡପଡ଼ା ରାଜ୍ୟର ଶାସନଭାର ଗ୍ରହଣକଲେ। ୬ଖଣ୍ଡ ପଡ଼ା ଯୋଡ଼ି ଖଣ୍ଡପଡ଼ା ରାଜ୍ୟ ସ୍ଥାପନ କରିଥିଲେ। ଖଣ୍ଡପଡ଼ା ଇତିହାସ କୁହେ ୧୫୯୯ ମସିହାରୁ ୧୯୪୭ ମସିହା ମଧ୍ୟରେ ଖଣ୍ଡପଡ଼ା ଗଡ଼ରେ ୧୩ଜଣ ବଘେଲବଂଶୀ ରାଜା ରାଜତ୍ୱ କରିଥିଲେ। ସେମାନଙ୍କ ମଧରେ ରାମଚନ୍ଦ୍ର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ, ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ଅନ୍ୟତମ। ଏହି ରାଜାମାନଙ୍କ ମୂଳ ସାଙ୍ଗିଆ ମର୍ଦ୍ଦରାଜ। ଭ୍ରମରବର ରାୟ ଉପାଧି ରାଜା ବନମାଳୀ ସିଂହଙ୍କ ସମୟରେ ଖୋର୍ଦ୍ଧା ଗଜପତି ରାଜା ପ୍ରଦାନ କରିଥିଲେ। ରାଜା ଯଦୁନାଥ ମଙ୍ଗରାଜ ୧୫୯୯ରେ ୧୦ଖଣ୍ଡ(ପଡ଼ା)କୁ ଏକତ୍ରକରି ମହାନଦୀ କୂଳେ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏହି ରାଜ୍ୟର ପରିସୀମା ଥିଲା ୨୪୪ ବର୍ଗମାଇଲି। ପୂର୍ବରେ ବାଙ୍କୀ ଓ ଖୋର୍ଦ୍ଧା ରାଜ୍ୟ, ପଶ୍ଚିମରେ ଦଶପଲ୍ଲା, ଦକ୍ଷିଣରେ ନୟାଗଡ଼ ଏବଂ ଉତ୍ତରରେ ମହାନଦୀ ତଥା ଅପରପାର୍ଶ୍ୱରେ ଥିବା ବଡ଼ମ୍ବା ଓ ନରସିଂହପୁର ଏହାର ସୀମା ନିର୍ଦ୍ଧାରଣ କରୁଥିଲା। ଯଦୁନାଥ ମଙ୍ଗରାଜ ୧୫୯୯ରୁ ୧୬୭୪ ମସିହା ଯାଏ ରାଜତ୍ୱ କରିଥିଲେ। ସେ ଏହି ରାଜ୍ୟର ଚାରିଦିଗେ ଚାରି ଠାକୁରାଣୀଙ୍କୁ ପ୍ରତିଷ୍ଠା କରିଥିଲେ। ଆଉ ଗୋଟିଏ ସ୍ଥାନରେ ଜଗନ୍ନାଙ୍କ ମନ୍ଦିର ନିର୍ମାଣ କରିଥିଲେ।୧୬୭୪ରୁ୧୭୦୭ ଯାଏ ବୈଷ୍ଣବ ରାଜା ନାରାୟଣ ସିଂହ ମର୍ଦ୍ଦରାଜ ରାଜତ୍ୱ କରିଥିଲେ। ତାଙ୍କ ସମୟ ଥିଲା ଖଣ୍ଡପଡ଼ାର ସଂସ୍କୃତି ଓ ସାହିତ୍ୟର ସୁବର୍ଣ୍ଣ ଯୁଗ। ପରବର୍ତ୍ତୀ ରାଜା ବାଲୁଙ୍କେଶ୍ୱର ମଙ୍ଗରାଜ। ସେ କୁସୁମୀ ନଦୀକୂଳରେ ବାଲୁଙ୍କେଶ୍ୱର ଶିବମନ୍ଦିର ନିର୍ମାଣ କରିଥିଲେ। ଏହା ପରେ ବନମାଳୀ ସିଂହ ମର୍ଦ୍ଦରାଜ, ନୀଳାଦ୍ରି ଭ୍ରମରବରରାୟ, ପରବର୍ତ୍ତୀ ରାଜା ନୃସିଂହ ଭ୍ରମରବରରାୟଙ୍କ ୬ ପୁତ୍ର ମଧ୍ୟରୁ ଶ୍ୟାମବନ୍ଧୁଙ୍କ ପୁତ୍ର ସାମନ୍ତ ଚନ୍ଦ୍ରଶେଖର ଥିଲେ ଜଣେ ଜ୍ୟୋତିର୍ବିଜ୍ଞାନୀ। ଏହି ବଂଶର ରାଜା ପୁରୁଷୋତ୍ତମ ସିଂହ ମର୍ଦ୍ଦରାଜ ଓ ପରେ ରାଜା କୃଷ୍ଣଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ରାଜତ୍ୱ ଥିଲା ; ଯାହାଙ୍କ ସମୟରେ ରଘୁନାଥ ଜୀଉଙ୍କ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନ ହୋଇଥିଲା। ୧୮୩୭ରେ କୃଷ୍ଣଚନ୍ଦ୍ରଙ୍କ ଅକାଳ ମୃତ୍ୟୁ ହେଲା। ରାଜା କୁଞ୍ଜବିହାରୀ ଓ ନଟବରଙ୍କ ସମୟରେ ଖଣ୍ଡପଡ଼ାରେ ଆମ୍ବ ପଣସ ଗଛ ବାଟିକା ସହ କଳାସଂସ୍କୃତିର ବିକାଶ ହୋଇଥିଲା। ଖଣ୍ଡପଡ଼ାର ତ୍ରୟୋଦଶ ରାଜା ହରିହରସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ତାଙ୍କ ପିତାଙ୍କ ନାମରେ ୧୯୪୪ରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ହରିହରସିଂହ ମର୍ଦ୍ଦରାଜଙ୍କ ସମୟରେ ଦେଶ ସ୍ୱାଧୀନ ହେଲା। ସେ ୧୯୫୨ରୁ୧୯୬୬ ଯାଏ ଓଡ଼ିଶା ବିଧାନସଭାକୁ ବିଧାୟକ ଭାବେ ଯାଇଥିଲେ। ୧୯୭୭ରେ ତାଙ୍କର ବିୟୋଗ ହେଲା। ପରେ ତାଙ୍କ ପୁତ୍ର ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ମଧ ଏକାଧିକଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଯାଇଥିଲେ। ସେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଥିବା ସହ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ପାହ୍ୟାର ମନ୍ତ୍ରୀ ଥିଲେ। ୨୦୨୫ମସିହା ଅଗଷ୍ଟ ୬ରେ ତାଙ୍କର ବିୟୋଗ ହେଲା। ଏହାପରେ ତାଙ୍କ ପୁତ୍ର ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଖଣ୍ଡପଡ଼ା ରାଜବଂଶର ଦାୟିତ୍ୱ ନେଲେ। ସେ ମଧ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ।


– ବନବିହାରୀ ବେହେରା, ଅଜୟ ମହାରଣା



ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ







# କନ୍ଦାରିୟା ମହାଦେବ ମନ୍ଦିର

**ମଧ୍ୟପ୍ରଦେଶ ଖଜୁରାହୋର ଏକ ପବିତ୍ର ଶୈବପୀଠ ଭାବେ କନ୍ଦାରିୟା ମହାଦେବ ମନ୍ଦିର ଜଣାଶୁଣା। ମନ୍ଦିରର ଆକର୍ଷଣୀୟ ବାସ୍ତୁକଳା ଓ ଏଠାକାର ଶାନ୍ତ, ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ...**

ମଧ୍ୟପ୍ରଦେଶର ଛତରପୁର ଜିଲା ଅନ୍ତର୍ଗତ ଖଜୁରାହୋଠାରେ ରହିଛି ଏହି କନ୍ଦାରିୟା ମହାଦେବ ମନ୍ଦିର। ସ୍ଥାନୀୟ ଅଞ୍ଚଳରେ ଥିବା ମଧ୍ୟକାଳୀନ ମନ୍ଦିର ସମୁହ ମଧ୍ୟରୁ ଏହା ସବୁଠାରୁ ବଡ଼ ତଥା ସବୁଠୁ ଅଳଙ୍କୃତ ମନ୍ଦିର ଭାବେ ବେଶ୍ ପ୍ରସିଦ୍ଧ। ଉକ୍ତ ମନ୍ଦିରର ଆରାଧ୍ୟ ଦେବତା ହେଉଛନ୍ତି ଦେବ ଦେବ ମହାଦେବ ; ଯାହାଙ୍କୁ ସ୍ଥାନୀୟ ଲୋକେ ଗୁମ୍ଫାର ମହାନ୍ ଦେବତା ଭାବେ ମଧ୍ୟ ସମ୍ବୋଧନ କରିଥାନ୍ତି। ତା’ଛଡ଼ା ଏହି ମନ୍ଦିରଟିର ଆକର୍ଷଣୀୟ କଳାକୃତି ପାଇଁ ଏହାର ନାମକୁ ୧୯୮୬ ମସିହାରେ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ଲିଷ୍ଟରେ ସାମିଲ କରାଯାଇଥିବା ସୂଚନା ରହିଛି।

## ମନ୍ଦିରର ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, କନ୍ଦାରିୟା ମହାଦେବ ମନ୍ଦିର ବିଦ୍ୟାଧରଙ୍କ ରାଜତ୍ୱ କାଳରେ (୧୦୦୩-୧୦୩୫ ଖ୍ରୀଷ୍ଟାବ୍ଦ) ନିର୍ମିତ ହୋଇଥିଲା। ବିଦ୍ୟାଧର ଜଣେ ଶକ୍ତିଶାଳୀ ଶାସକ ଥିଲେ, ଯିଏକି ୧୦୧୯ ମସିହାରେ ତାଙ୍କର ପ୍ରଥମ ଆକ୍ରମଣରେ ମହମୁଦ ଗଜନବୀଙ୍କୁ ପ୍ରତିରୋଧ କରିଥିଲେ। ଯୁଦ୍ଧ ନିର୍ଣ୍ଣାୟକ ନଥିଲା ଏବଂ ମହମୁଦଙ୍କୁ ଗଜନୀକୁ ଫେରିବାକୁ ପଡିଥିଲା। ୧୦୨୨ ମସିହାରେ ମହମୁଦ ପୁନର୍ବାର ବିଦ୍ୟାଧରଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ। ସେ କାଲିଞ୍ଜର ଦୁର୍ଗ ଉପରେ ଆକ୍ରମଣ କରିଥିଲେ। ଦୁର୍ଗର ଘେରାବନ୍ଦୀ ବିଫଳ ହୋଇଥିଲା। ବିଦ୍ୟାଧର ତାଙ୍କ ଆରାଧ୍ୟ ଦେବତା ଦେବ ଦେବ ମହାଦେବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କନ୍ଦାରିୟା ମହାଦେବ ମନ୍ଦିର ନିର୍ମାଣ କରି ମହମୁଦ ଏବଂ ଅନ୍ୟାନ୍ୟ ଶାସକଙ୍କ ଉପରେ ତାଙ୍କର ବିଜୟ ପାଳନ କରିଥିଲେ। ଉକ୍ତ ମନ୍ଦିର ମଣ୍ଡପର ଏକ ସ୍ତମ୍ଭରେ ଖୋଦିତ ଶିଳାଲେଖାରେ ମନ୍ଦିରର ନିର୍ମାତାଙ୍କୁ ବୀରିମଦା ବୋଲି ନାମିତ କରାଯାଇଛି ; ଯାହାକୁ ବିଦ୍ୟାଧରଙ୍କ ଛଦ୍ମନାମ ବୋଲି ବିଶ୍ୱାସ କରାଯାଏ।

## ମନ୍ଦିରର ନିର୍ମାଣଶୈଳୀ

କନ୍ଦାରିୟା ମହାଦେବ ମନ୍ଦିର ନାଗର ଶୈଳୀରେ ନିର୍ମିତ। ଏହାକୁ ଖଜୁରାହୋ ସ୍ମାରକୀ ସମୁହର ଏକ ଅଂଶବିଶେଷ ବୋଲି ବି କୁହାଯାଇଥାଏ। ତେବେ ଏହି ମନ୍ଦିରଟି ୪ ମିଟର ଉଚ୍ଚତା ବିଶିଷ୍ଟ ଏକ ବିଶାଳ ଚଉତରା ଉପରେ ପ୍ରତିଷ୍ଠିତ। ସେହିପରି ଏହି ମନ୍ଦିରର ପ୍ରାୟ ୮୪ଟି କ୍ଷୁଦ୍ର ଚୂଡ଼ା ରହିଥିବା ସୂଚନା ରହିଛି। ଉକ୍ତ ମନ୍ଦିରଟି ପ୍ରାୟ ୩୧ ମିଟର ଲମ୍ବ ଏବଂ ୨୦ ମିଟର ପ୍ରସ୍ଥ ବିଶିଷ୍ଟ ହୋଇଥିବାରୁ ଏହାକୁ ଖଜୁରାହୋର ସର୍ବବୃହତ ମନ୍ଦିର ବୋଲି ବି କୁହାଯାଇଥାଏ। ଏହି ମନ୍ଦିରରେ କରାଯାଇଥିବା ଖୁବ୍ ସୂକ୍ଷ୍ମ ଖୋଦିତ କାରୁକାର୍ଯ୍ୟ ବେଶ୍ ଆଖିଦୃର୍ଶୀୟା ହୋଇଥାଏ। ସେହିପରି ମନ୍ଦିରର ଯୁଆଡ଼କୁ ଚାହିଁବେ, ସେଠାରେ ବିଭିନ୍ନ ଦେବଦେବୀ, ଅପ୍ସରା ତଥା ପୌରାଣିକ ଜୀବଙ୍କର ଖୁବ୍ ସୁନ୍ଦର ପ୍ରତିମୂର୍ତ୍ତୀମାନ ତିଆରି ହୋଇଥିବାର ଦେଖିପାରିବେ। ଏପରିକି ମନ୍ଦିରର ଚତୁଃପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଏଠାକାର ଶାନ୍ତ ପରିବେଶ ବି ପର୍ଯ୍ୟଟକଙ୍କୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ମନ୍ଦିରର ଗର୍ଭଗୃହରେ ପୂଜା ପାଉଥିବା ଦେବ ଦେବ ମହାଦେବ ଖୁବ୍ ପ୍ରତ୍ୟେକ୍ଷ। ଭକ୍ତିର ସହ ତାଙ୍କୁ ଉପାସନା କଲେ ମନୋସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ବର୍ଷର ବିଭିନ୍ନ ସମୟରେ ଏଠାରେ ଭକ୍ତଗଣଙ୍କର ଗହଳି ପରିଲକ୍ଷିତ ହୋଇଥାଏ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ରହିଛି। ତେବେ ବିଭିନ୍ନ ପର୍ବପର୍ବାଣୀ ଖାସ୍ କରି ମହାଶିବରାତ୍ରୀ ଦିନ ଏଠାରେ ବହୁ ଜନ ସମାଗମ ହୋଇଥାଏ। ଏହି ସମୟରେ ଏଠାରେ ବିଶେଷ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଖଜୁରାହୋ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ଅନ୍ୟପକ୍ଷେ ଏହାର ନିକଟତମ ବିମାନବନ୍ଦର ମଧ୍ୟ ହେଉଛି ଖଜୁରାହୋ ଏୟାରପୋର୍ଟ ; ଯାହା ମନ୍ଦିରଠାରୁ ମାତ୍ର ୬ କି.ମି ଦୂରରେ ଅବସ୍ଥିତ। ତା’ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ଯୋଗେ ବି ଯିବାର ସୁବିଧା ରହିଛି।



# ଟଏଲେଟ୍ ଡୋର୍ ତଳପଟେ ଗ୍ୟାପ୍ ଥାଏ କାହିଁକି



**ମଲ୍, ଥିଏଟର୍ ହେଉ ଅବା କୌଣସି ପବ୍ଲିକ୍ ପ୍ଲେସ୍ । ସେଠାରେ ଥିବା ଟଏଲେଟ୍‌କୁ ତ ସମସ୍ତେ ଯାଇଥିବେ ଓ ବ୍ୟବହାର ବି କରିଥିବେ। ତା'ସହ ନଜରରେ ବି ପଡ଼ିଥିବ ଯେ, ଏହିସବୁ ଟଏଲେଟ୍ ଡୋର୍‌ର ତଳଭାଗରେ ଥାଏ ଗ୍ୟାପ୍ । ହେଲେ କେବେ ଭାବିଛନ୍ତି କି ସମ୍ପୂର୍ଣ୍ଣ କବାଟ ବ୍ୟବହାର ନ କରି ଏଭଳି ତଳଭାଗରେ ଗ୍ୟାପ୍ ଥିବା ଡୋର୍ କାହିଁକି ଲଗାଯାଇଥାଏ? ଜାଣନ୍ତୁ ସେ ସମ୍ପର୍କରେ..**



*ପବ୍ଲିକ ଟଏଲେଟ୍ ବହୁତ ଲୋକ ବ୍ୟବହାର କରନ୍ତି। ତେଣୁ ଦିନରେ ବହୁତଥର ସଫା କରାଯାଏ। ଡୋର୍‌ର ତଳଭାଗରେ ଥିବା ଗ୍ୟାପ୍ ସଫେଇ କର୍ମଚାରୀଙ୍କୁ ଟଏଲେଟ୍ ସଫା କରିବା କାମକୁ ସହଜ କରାଏ। ଏମିତିକି ଡୋର ନ ଖୋଲି ବି ପୋଛା ଲଗାଇହୁଏ। ପଡିଥିବା ପାଣି ବାହାର କରି ହୁଏ। ଫଳରେ ଟଏଲେଟ୍‌କୁ ଶୀଘ୍ର ସଫା କରିହୁଏ।



*ଯଦି ଟଏଲେଟ୍‌ରେ କେହି ବେହୋଶ ହେଇ ଯାଆନ୍ତି ଅବା କାହାରି ସ୍ୱାସ୍ଥାବସ୍ଥା ବିଗିଡ଼ିଯାଏ, ତେବେ ଡୋର ତଳେ ଥିବା ଗ୍ୟାପ ଦେଇ ସହଜରେ ତାଙ୍କୁ ଦେଖିହୁଏ। ଏମିତିକି କବାଟ ନ ଭାଙ୍ଗି ଡୋର ଖୋଲି ହେବ ଓ ତୁରନ୍ତ ସାହାଯ୍ୟ ପହଞ୍ଚାଇ ହେବ। ଏମିତିକି ଯଦି ଲକ୍ ଫଶିଯାଏ ଜରୁରୀକାଳୀନ ଭାବେ ଡୋର୍ ତଳୁ ଖସି ବାହାରି ହେବ।

*ସିନେମା ହଲ ହେଉ କି ମଲ୍ ଅବା କୌଣସି ପବ୍ଲିକ ପ୍ଲେସ୍‌ର ଟଏଲେଟ୍‌ରେ ଲୋକେ ଲୁଚିକି ସିଗାର ପିଇବା, କିଛି ଖରାପ କାମ କରିବା ପାଇଁ ବି ବ୍ୟବହାର କରିବାର ଆଶଙ୍କା ଥାଏ। ହେଲେ ଡୋର୍ ତଳଭାଗ ଫାଙ୍କା ଥିଲେ ଏସବୁ କରି ହେବ ନାହିଁ। ତଳ ଗ୍ୟାପରୁ ସେଠାକାର କର୍ମଚାରୀ ଭିତରକୁ ଦେଖିପାରିବେ। ତେଣୁ ଏଭଳି ଘଟଣା ଘଟିବ ନାହିଁ।

*ତା'ଛଡ଼ା ପୁରା ସମ୍ପୂର୍ଣ୍ଣ କବାଟ ତିଆରି କଲେ ଖର୍ଚ୍ଚ ଅଧିକ ହୁଏ। ତା'ସହ ଟଏଲେଟ୍‌ର ଆର୍ଦ୍ରତା ଓ ପାଣି ଯୋଗୁ କବାଟ ଜଲ୍‌ଦି ଖରାପ ହେଇଯାଏ। ତଳଆଡୁ ଅଳ୍ପ ଗ୍ୟାପ ଥିବା ତଥା ଛୋଟ କବାଟ ଦୀର୍ଘଦିନ ଯାଏ ଖରାପ ହୋଇ ନ ଥାଏ।

*ଏଭଳି କବାଟ ଯୋଗୁ ଟଏଲେଟ୍‌ରେ ଭେଣ୍ଟିଲେଶନ୍ ବା ବାୟୁ ଚଳାଚଳ ଭଲ ହୁଏ। ଆଲୋକ ଭଲରେ ପ୍ରବେଶ କରିପାରେ। ତେଣୁ ଟଏଲେଟ୍‌ରେ ଦୁର୍ଗନ୍ଧ କମ୍ ହୁଏ।

* କୌଣସି ବିପଦ ଯେମିତିକି ଫାୟାର ଅଲାର୍ମ ବାଜିଲେ କି ଅନ୍ୟକିଛି ବିପଦ ଆସିଲେ ଏହି କବାଟ ଶୀଘ୍ର ଖୋଲିହୁଏ। ଏମିତିକି ବିପଦବେଳେ ତଳପଟୁ ବ୍ୟକ୍ତିଙ୍କୁ ବାହାରକୁ ବାହାର କରିହୁଏ।

*ପବ୍ଲିକ ଟଏଲେଟ୍‌ରେ ସାଧାରଣତଃ ପ୍ରାଇଭେସୀଠୁ ବେଶି ଧ୍ୟାନ ସଫାସୁତୁରା ରଖିବା, ସୁରକ୍ଷା ଓ କିଭଳି ତୁରନ୍ତ ସାହାଯ୍ୟ ପ୍ରଦାନ କରିହେବ ତା' ଉପରେ ଧ୍ୟାନ ଦିଆଯାଏ। ସେଥିପାଇଁ ତ ସାରା ପୃଥିବୀରେ ଏହିଭଳି ଡୋର୍ ପବ୍ଲିକ ଟଏଲେଟ୍‌ରେ ବ୍ୟବହାର କରାଯାଉଛି।



## ଜିଭରେ ଅଟକାଇଲେ ୫୭ ଫ୍ୟାନ୍

ବୁଲୁଥିବା ଫ୍ୟାନ୍‌କୁ କେବେ ହାତରେ ଅଟକାଇବାକୁ ସାହସ କରିଛନ୍ତି ? ହୁଏ ତ କେହି କରି ନ ଥିବେ। ଖୁବ ବିପଜ୍ଜନକ ଏଭଳି କରିବା। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ତେଲେଙ୍ଗାନାର କ୍ରାନ୍ତି କୁମାର ପାଣିକେରା ନାମକ ଜଣେ ବ୍ୟକ୍ତି ହାତରେ ନୁହେଁ ବରଂ ଜିଭରେ ଚଳନ୍ତା ଫ୍ୟାନ୍‌କୁ ଅଟକାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ସେ ପୁଣି ଗୋଟିଏ ମିନିଟରେ ୫୭ଟି ବୈଦ୍ୟୁତିକ ଫ୍ୟାନର ବ୍ଲେଡକୁ ନିଜ ଜିଭରେ ବନ୍ଦ କରିଛନ୍ତି। ଧାଡି ଧାଡି ହୋଇ ରହିଥିବା ଚଳନ୍ତା ଟେବୁଲ ଫ୍ୟାନ୍‌କୁ ସେ ଗୋଟେ ପରେ ଗୋଟେ ନିଜ ଜିଭରେ ବନ୍ଦ କରିଛନ୍ତି। ତାଙ୍କର ଏଭଳି ନିର୍ଭୀକ ଏବଂ ଅଦ୍ଭୁତ ଷ୍ଟଣ୍ଟ ଦେଖି ସମସ୍ତେ ଚକିତ ହୋଇଯାଇଛନ୍ତି। କେବଳ ସେ ଏହି ଗୋଟିଏ ବିପଜ୍ଜନକ ଷ୍ଟଣ୍ଟ ନୁହେଁ ଆହୁରି ଅନେକ ବିପଜ୍ଜନକ ଷ୍ଟଣ୍ଟ କରିପାରନ୍ତି। ସେଥିପାଇଁ ସେ 'ଡ୍ରିଲମ୍ୟାନ'ଭାବେ ବି ବେଶ ଜଣାଶୁଣା। ସୂର୍ଯ୍ୟପେଟର ବାସିନ୍ଦା କ୍ରାନ୍ତି କୁମାରଙ୍କର ଏହି ରେକର୍ଡ ସମୟର ଭିଡ଼ିଓ ଗିନିଜ ୱାର୍ଲଡ ରେକର୍ଡସ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଯାହାକୁ ଦେଖି ଲୋକେ ପ୍ରତିକ୍ରିୟା ରଖୁଛନ୍ତି ଯେ,ଏଭଳି ଷ୍ଟଣ୍ଟ କରିବାବେଳେ ତାଙ୍କ ଜିଭ କଟୁନାହିଁ କିଭଳି! ପାଣିକେରା ଏହି ରେକର୍ଡ ବାଦ୍ ଆହୁରି ତିନୋଟି ରେକର୍ଡ କରିଛନ୍ତି। ପାଣିକେରା କହନ୍ତି, 'ମୁଁ ଏକ ଛୋଟ ଗାଁରୁ ଆସିଛି ଯେଉଁଠି ବଡ଼ ସ୍ୱପ୍ନ ଦେଖିବା ଆମ ପାଇଁ ବହୁତ ବଡ଼ କଥା ଥିଲା। ସେଭଳି ଗାଁର ହୋଇ ଆଜି ମୁଁ ନିଜ କଠିନ ପରିଶ୍ରମ ବଳରେ ଚାରୋଟି ଗିନିଜ ୱାର୍ଲ୍ଡ ରେକର୍ଡ ହାସଲ କରିପାରିଛି। ସେଥିପାଇଁ ଖୁସି ଲାଗେ।''

# ଓଃ, ଦେଶଭକ୍ତି !



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ସାହି କ୍ଲବ୍‌ଘର ବାରଣ୍ଡାରେ ଭୋଦୁଅ ଖରାବେଳଟାରେ ଲୋକନାଥ ନିବିଷ୍ଟ ଚିତ୍ତରେ ବସି ମୋବାଇଲରେ ରିଲ୍ ଦେଖୁଥିଲା । ପାଖକୁ ଯାଇ କହିଲି, ତୁମ ଭଳି ଯୁବକମାନେ ଯଦି ଦିନଯାକ ଏମିତି ବସି ରିଲ୍ ଦେଖିବ ତେବେ ଦେଶ ଆଗକୁ କେମିତି ବଢ଼ିବ ? ଲୋକିଆ ମୁହଁ ନଉଠେଇ କହିଲା ଭାଇ, ଗୋଟେ ପ୍ରେରଣାଦାୟୀ ଭିଡିଓ ଦେଖୁଥିଲି । ଆରେ, ଲୋକିଆ ପୁଣି ପ୍ରେରଣାଦାୟୀ ଭିଡିଓ ଦେଖୁଛି ! ତା' ହାତରୁ ମୋବାଇଲ ଆଣି ମୁଁ ଦେଖିଲି କିଛି ଅଖଚକ ରୋକୁଥିବା ଆନ୍ଦୋଳନକାରୀ ରାଜପଥରେ ଏକ ଭରନ୍ତା ଯାତ୍ରୀବାହୀ ବସ୍‌କୁ ଅଟକେଇଥାନ୍ତି । ଜଣେ ଡ୍ରାଇଭର ସାଙ୍ଗରେ ବଚସାରେ ଥିବାବେଳେ ଆଉ କେଇଜଣ ଟୋକା ଠେଙ୍ଗାରେ ବସ୍ ଭଙ୍ଗାରୁଜା କରୁଥିଲେ । ବସ୍ ଆଗରେ କେତେଜଣ ଶୋଇଥିବା ବେଳେ ଆଉ କେତେଜଣ ବସ୍‌ରେ ନିଆଁ ଲଗାଇବାର ପ୍ରସ୍ତୁତିରେ ଥିଲେ । କହି ପକେଇଲି , ଇସ୍ ଏହି ବୀଭତ୍ସ ଦୃଶ୍ୟରେ ପ୍ରେରଣା ଅଛି ! ଲୋକିଆ କହିଲା, ମୋତେ ଝିଙ୍ଗାସିବା ପୂର୍ବରୁ ଥରେ ଭାବି ଦେଖ ଜଣଙ୍କ ପକ୍ଷେ କ'ଣ କେବେ ଗୋଟେ ବସ୍‌କୁ ଜଳେଇବା ସହଜ କଥା ? ଏକ ମନ, ଏକ ଦଳ ଓ ଭାବନାର ସମନ୍ୱୟ ଥିଲା ବୋଲି ତ ଏହା ସମ୍ଭବ ହେଉଛି । ସମସ୍ତେ ମିଳିମିଶି କେମିତି କାମଟିକୁ ସୁରୁଖୁରୁରେ ଆଗେଇ ନେଉଛନ୍ତି, ଦେଖିଲ ତ ? କଥାରେ ଅଛି ବାର ଜାତି ତେର ଗୋଳା ବୈଷ୍ଣବ ହେଲେ ସବୁ ଗଲା । ଠିକ୍ ସେମିତି ଆନ୍ଦୋଳନକାରୀମାନଙ୍କ ଭିତରେ ଉଚ୍ଚନୀଚ ଜାତିଭେଦ ନ ଥାଏ, ନ ଥାଏ ମଧ୍ୟ ଧନୀ ଗରିବ ,ଶିକ୍ଷିତ ଅଶିକ୍ଷିତର ଭେଦଭାବ । ଦେଶରେ ଯେତେବେଳେ ମଣିଷ ମଣିଷ ଭିତରେ ବିଦ୍ୱେଷ ବଢୁଛି, ବିଶ୍ୱାସ ଓ ଭରସା କମୁଛି, ମଣିଷ ମଣିଷ ଭିତରେ ବିଭେଦ ଓ ଦୂରତା ବଢ଼ିଚାଲିଛି ସେତିକିବେଳେ ଯୁବକମାନଙ୍କ ଏଭଳି ମିଳିମିଶି କାମ କରିବା ସତରେ ପ୍ରେରଣାଦାୟୀ ନୁହେଁ କି ? ତା' କଥା ଶୁଣି ମୁଁ ଯୋଡ଼ହସ୍ତରେ କହିଲି, ''ଭାଇରେ, ବୟସରେ ସିନା ତୁ ସାନ ହେଲେ ଭାବନା ତୋ ମହାନ୍ । ତୋର ଏହି ସକାରାତ୍ମକ ଚିନ୍ତାଧାରା ପାଇଁ ତୋତେ ଦଣ୍ଡବତ । ଠିକ୍ କହିଛୁ ଏକତାରେ ବଳ ଥାଏ । ଏମିତି ମିଳିମିଶି ଆଜି ବସ୍ ଜାଳୁଛନ୍ତି କାଲି ଟ୍ରେନ୍ ଜାଳିବେ ପରେ ପୂରା ଦେଶ ଜାଳିବେ । ଏକ ମନ, ଏକ ଦେଶ, ଏକ ଦଳ ଓ ଏକ ଧର୍ମ ଭାବନା ନେଇ ଯଦି ଦେଶର ଯୁବସମାଜ ଏହିଭଳି ମହତ କାମ ସବୁ ମିଳିମିଶି କରନ୍ତି ତେବେ ଦେଶକୁ ବିଶ୍ୱଗୁରୁ ହେବାରୁ କେଉଁ ଭଗବାନ୍ ବି ଅଟକେଇପାରିବେ ନାହିଁ ।'' ମୋ କଥା ଶୁଣି ଲୋକିଆ ମୁଣ୍ଡ କୁଣ୍ଡେଇ କହିଲା, ଭାଇ ସବୁ ସେଇ ଦେଶ ପାଇଁ । କବି ପରା କହିଛନ୍ତି, ଆଗେଇ ଆସ ହେ ବୀର ସନ୍ତାନ, ରକ୍ତ ଡାକୁଛି ରକ୍ତକୁ । କାନ୍ଧରେ କାନ୍ଧ ଦେଇଦିଅ ଆଜି, ବିଶ୍ୱ ଆମ ଏକତା ଦେଖୁ । ଆଗରୁ ଦେଶଭକ୍ତିର ଜୁଆର ବର୍ଷକୁ ଦୁଇଥର ଆସୁଥିଲା । ଏବେ ଯେତେବେଳେ ସୀମାରେ ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା ସୀମା ବିବାଦ ହେଉ ଆମ ଦେଶରେ ଦେଶଭକ୍ତିର ପାରଦ ଚରମସୀମାରେ ପହଞ୍ଚିଯାଏ । ଅବଶ୍ୟ କିଛିଦିନ ପରେ ଆପେ ଥଣ୍ଡା ପଡ଼ିଯାଏ । ଦେଶଭକ୍ତିର ଆଉ ଏକ ବିଚିତ୍ର ସ୍ଥିତି ଏବେ ଦେଖିବାକୁ ମିଳୁଛି । ଅସଲ ଦେଶଭକ୍ତ ସୀମାରେ ଶତ୍ରୁ ସହ ଲଢ଼େଇରେ ଶହୀଦ ହେଉଥିଲା ବେଳେ ଏଠି ଶାସକ ଓ ବିରୋଧୀଙ୍କ ଭିତରେ କିଏ ଅସଲ ଦେଶଭକ୍ତ କିଏ ଦେଶଦ୍ରୋହୀ ତାକୁ ନେଇ ବାକ୍‌ଯୁଦ୍ଧ ଅତ୍ୟନ୍ତ ନିମ୍ନସ୍ତରରେ ଆସି ପହଞ୍ଚିଲାଣି । ବିଡ଼ମ୍ବନା, ନେତାଙ୍କ ଦେଶଭକ୍ତିର ପାରାମିଟରରେ ଦାରିଦ୍ର୍ୟ, ବେକାରି, ଭ୍ରଷ୍ଟାଚାର, କୁଶିକ୍ଷା,କଳାଧନ ଭଳି ଦେଶର ଅନେକ ମୌଳିକ ସମସ୍ୟା କେବେଠୁ ଗୌଣ ହୋଇ ନେପଥ୍ୟକୁ ଚାଲିଗଲାଣି ।

ବାଘ ନ ଦେଖିଲେ ବିଲେଇ ଦେଖ । ଯଦି ଭଗତ ସିଂ, ଚନ୍ଦ୍ରଶେଖର, ତାଣ୍ଟି ଖୁଣ୍ଟିଆଙ୍କ ଭଳି ଦେଶଭକ୍ତଙ୍କୁ ଦେଖିନାହାନ୍ତି ତେବେ ହ୍ୱାଟ୍ସଆପ୍ କିମ୍ବା ଫେସ୍‌ବୁକ୍ ଆଡ଼େ ଥରେ ବୁଲିଆସିଲେ ଶହ ଶହ ସଚ୍ଚୋଟ ଦେଶଭକ୍ତଙ୍କୁ ଦେଖିପାରିବ । ସକାଳୁ ହ୍ୱାଟ୍ସଆପ୍ ଖୋଲିଲେ ନିଶ୍ଚେ ଚାରି ପାଞ୍ଚଟା ଦେଶଭକ୍ତି ମେସେଜ ଦେଖିବେ । କ୍ଷଣିକ ପାଇଁ ଆପଣଙ୍କୁ ଲାଗିବ ଯେମିତି କେବଳ ଆପଣଙ୍କୁ ଛାଡ଼ି ଦୁନିଆର ବାକି ସମସ୍ତେ ଦେଶପ୍ରେମରେ ଉଦ୍‌ବୁଦ୍ଧ ଓ ଆପଣଙ୍କ ଭିତରେ ମାତୃଭୂମି ପାଇଁ ଭକ୍ତିଭାବ ଜାଗ୍ରତ କରିବାକୁ ହ୍ୱାଟ୍ସଆପ୍ କମ୍ପାନୀ ଏମାନଙ୍କୁ ନିଯୁକ୍ତି ଦେଇଛି । ଠିକ୍ ସେହିପରି ଏତେଦିନ ଧରି ଫେସ୍‌ବୁକ୍‌ରେ ସକ୍ରିୟ ଥିଲେ ବି ଆଜି ଯାଏଁ ଜଣେ ଦେଶଦ୍ରୋହୀଙ୍କୁ ଦେଖିଲି ନାହିଁ । ସମସ୍ତେ ଦେଶଭକ୍ତ, ଉଦାର, ସଚ୍ଚୋଟ, ସମ୍ବେଦନଶୀଳ । ସମସ୍ତେ ପରୋପକାରୀ ଓ ସମାଜସେବୀ । ଆହା କେତେକେତେ ସ୍ୱାଧୀନତା ସଂଗ୍ରାମୀ ଅଯଥାରେ ଇଂରେଜମାନଙ୍କୁ ହଟେଇବାକୁ ଯାଇ ନିଜ ଅମୂଲ୍ୟ ଜୀବନ ଦେଇଦେଲେ । ଯଦି ସେତେବେଳେ ହ୍ୱାଟ୍ସଆପ୍ କିମ୍ବା ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମ ଥା'ନ୍ତା ତେବେ ଆଜିର ଦେଶଭକ୍ତମାନଙ୍କ କ୍ରିୟାବିହୀନ ପ୍ରତିକ୍ରିୟାରେ ତଟସ୍ଥ ଇଂରେଜମାନେ ମୁକ୍ତକଚ୍ଛ ହୋଇ ଭାରତ ଛାଡ଼ି ପଳେଇଥାନ୍ତେ । କୌଣସି ସଭାରେ ବକ୍ତାଙ୍କ ଦେଶଭକ୍ତି ଉପରେ ଅନର୍ଗଳ ଭାବପ୍ରବଣ ଭାଷଣ ଓ ତାକୁ ଆଁ କରି ପିଇ ଯାଉଥିବା ଶ୍ରୋତାଙ୍କୁ ଦେଖିଲେ ଲାଗିବ ଯେମିତି ଅଳ୍ପ କେତେଜଣ ବିରୋଧୀ ଦଳର ଦେଶଦ୍ରୋହୀଙ୍କ ଛଡ଼ା ଏ ଦେଶରେ ଅନ୍ୟ କିଛି ସମସ୍ୟା ନାହିଁ । ମନେପଡୁନି, କିନ୍ତୁ ପିଲାଦିନେ କେଉଁଠି ପଢିଥିଲି ଜଣେ ସଚ୍ଚୋଟ ବ୍ୟକ୍ତି ଚାହିଁଲେ ସଂସାରରେ ଯେକୌଣସି ପ୍ରକାର ଏକ ବିରାଟ ପରିବର୍ତ୍ତନ ଆଣିପାରିବ । ଏକା ଗାନ୍ଧିଜୀ ଦେଶର ଲୋକମାନଙ୍କ ମାନସିକତାରେ ବିରାଟ ପରିବର୍ତ୍ତନ ଆଣି ପାରିଥିଲେ । ଆଉ ଯେତେବେଳେ ଦେଶଭକ୍ତିରେ ଉବୁଟୁବୁ ହେଉଥିବା ଏତେ ସଂଖ୍ୟକ ସଚ୍ଚୋଟ ଲୋକଙ୍କୁ ଦେଖେ, ଲାଗେ ଦେଶ ମହାଦେଶ କଥା ଛାଡ଼ ପୂରା ବିଶ୍ୱକୁ ପରିବର୍ତ୍ତନ କରିପାରିବାର ସାମର୍ଥ୍ୟ ଏମାନଙ୍କ ପାଖରେ ଅଛି ।

ଗତକାଲି ରାସ୍ତାରେ ନରି ଭାଇ ଦେଖାହେଲେ କହିଲେ, ପୁଅ ତୁ ତ ଜାଣୁ ମୁଁ ପଇସା ବହୁତ କମେଇଲିଣି । ଦେଶ ସେବା ପାଇଁ ରାଜନୈତିକ ଦଳମାନଙ୍କୁ ଚାନ୍ଦା ବି ଦେଉଛି । ଗାଁ ମାଟି ମାଆର ଇଜ୍ଜତ ପାଇଁ ଅତୀତରେ ଦିଇଟା ମର୍ଡର ବି କଲି । ଗାଁର ସବୁ ପୂଜା ପର୍ବାଣି ଓ ସୁବିଧା ଅସୁବିଧାରେ ଆସି ଛିଡ଼ା ହେଉଛି । ହେଲେ ମୋର ଦୁଃଖ ଗାଁର ଦେଶଭକ୍ତମାନଙ୍କ କଥା ପଡ଼ିଲେ କେହି ମୋ ନାଁ ନେଉନାହାନ୍ତି । ମୋତେ ଟିକେ କହିଲୁ, ସଚ୍ଚୋଟ ଦେଶଭକ୍ତ ହେବାକୁ ହେଲେ କ'ଣ କରିବାକୁ ପଡ଼ିବ ? ତାଙ୍କ କଥା ଶୁଣି ମୁଁ ତୋବା । ଦସ୍ୟୁ ରତ୍ନାକରରୁ ଏବେ ରବିନ୍‌ହୁଡ୍ ହୋଇଥିବା ନରି ଭାଇଙ୍କ ମୁଣ୍ଡକୁ ହଠାତ୍ ଏମିତି ସଚ୍ଚୋଟ



ପୋକ କାହିଁକି କାମୁଡ଼ୁଛି ! ''ଭାଇ, ତୁମକୁ ପୁଣି ସଚ୍ଚୋଟ ହେବା କ'ଣ ଦରକାର ? ମୁଁ ବୁଝେଇଲି । ତୁମେ ଯେତେବେଳେ ଦାଦାଗିରି କରୁଥିଲ ତାକୁ ଅତ୍ୟନ୍ତ ଶ୍ରଦ୍ଧା ଓ ଆନ୍ତରିକତାର ସହ କରୁଥିଲ । ତୁମ ଦେଶୀଭାଟିରେ କେବେ ପାଣି ମିଶେଇ ଗ୍ରାହକଙ୍କୁ ଠକିବା କଥା ମୋ କାନ ଗଳୁରିବା ଦିନୁ ଶୁଣିନି । କେତେ କେତେ ଗରିବ ଲୋକଙ୍କ ଠାରୁ ବଟି ନେଇ ସେମାନଙ୍କୁ ରାସ୍ତାକଡ଼ରେ ବେପାର କରିବାକୁ ବସେଇଛ । ରାସ୍ତାକଡ଼ରେ ଯେଉଁଠି ଲୋକମାନେ ଭାରି ଅଶୋଭନୀୟ ଭାବେ ପରିସ୍ରାକରି ପରିବେଶକୁ ଦୂଷିତ କରୁଥିଲେ ତୁମେ ସେଠି କେବିନ ପକେଇ ସ୍ୱଳ୍ପ ଭଡ଼ାରେ ଅନେକ ବେକାରିଙ୍କୁ ଥଇଥାନ କରିଛ । ମଣିଷର ସବୁଠୁ ବଡ଼ ଗୁଣ ହେଲା କୃତଜ୍ଞତାବୋଧ । ଥାନାବାଲା ମାଗିବା ପୂର୍ବରୁ ତାଙ୍କ ପାଖରେ ନେଇ ତାଙ୍କ ପାଉଣା ପହଞ୍ଚେଇ ଦେଉଛ । ବିଦେଶୀ ମାଲକୁ ଛାଡ଼ି ତୁମେ ସ୍ୱଦେଶୀ ମାଲ ବିକୁଛ । ଗରିବ ବନ୍ଧୁ ଓ ସମ୍ବେଦନଶୀଳ ମଣିଷ ଭାବେ ଅଭାବୀ ନାଗୁଆ ଗରାଖଙ୍କୁ ଆବଶ୍ୟକସ୍ଥଳେ ତୁମେ ବାକି ବି ଦେଉଛ । ଭାଇ ଯିଏ ଯାହା କହୁ ପଛେ ଜଣେ ସଚ୍ଚୋଟ ନାଗରିକର ସବୁ ଗୁଣ ତୁମ ଭିତରେ ଖୁନ୍ଦି ହୋଇ ରହିଛି । ଏମିତିରେ ମାନଦଣ୍ଡ ପକେଇ ଦେଖିଲେ ତୁମେ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ।'' ନରି ଭାଇ ମୋତେ ମଝିରୁ ଅଟକେଇ କହିଲେ, ''ସେ ସବୁ ଠିକ୍ ଯେ ହେଲେ ପ୍ରମାଣ କ'ଣ ?'' ମୁଁ ବି ଭାବିବାକୁ ଲାଗିଲି ଆରେ ସତ କଥା ତ । ଭଲ କାମ କଲେ କ'ଣ ହେବ ଏହା ଦିଶିବା ଦରକାର । ବିନା ମାନ୍ୟତାରେ ହେଉଥିବା ସେବା କ'ଣ ସେବାରେ ଗଣା ! ତୁମେ ଯେତେ ମହତ କାର୍ଯ୍ୟ କଲେ ଲାଭ କ'ଣ ଯଦି ପ୍ରମାଣ ପାଇଁ ଦଶ କୋଡିଏ ଫଟୋ ଉଠେଇ ତାକୁ ପ୍ରଚାରକରି ନ ପାରିଲ । ଗୋଟିଏ ସେଓକୁ ଦଶ ଜଣ ମିଶି ଜଣେ ରୋଗୀକୁ ଦେଉଥିବା ଫଟୋ ତ ନିଶ୍ଚେ ଦେଖିଥିବେ । କାହାକୁ କ'ଣ ଦେଉଛନ୍ତି ସେଇଟା ବଡ଼ କଥା ନୁହେଁ, କିଏ ଦେଉଛି ସେଇଟା ବଡ଼ । ଏଇଟା ପ୍ରଚାର ପ୍ରସାରର ଯୁଗ । ଜନତା ଜନାର୍ଦ୍ଦନଙ୍କୁ ପ୍ରମାଣ ଦରକାର । ସୀତାମାତାଙ୍କୁ ପ୍ରମାଣ ଦରକାର ଥିଲା ବୋଲି ହନୁମାନଙ୍କୁ ଛାତି ଚିରି ଦେଖେଇବାକୁ ପଡ଼ିଲା । ଦେଶ ପାଇଁ ହୃଦୟରେ ଯେତେ ଭକ୍ତି ଥାଉ ପଛେ ଯଦି ତ୍ରିରଙ୍ଗା ସହ ସେଲ୍ଫି ନେଇ ଦେଶଭକ୍ତର ପ୍ରମାଣପତ୍ର ସରକାରଙ୍କଠାରୁ ପାଇନ ତେବେ ତୁମେ କ'ଣ ଦେଶପ୍ରେମୀରେ ଗଣାହେବ ? ଜାଣିଲ ନରି ଭାଇ ସଚ୍ଚୋଟ ଦେଶଭକ୍ତର ପରିଚୟ ପାଇଁ ଦେଶସେବା ଆଦୌ ଦରକାର ନାହିଁ ବରଂ ପାରୁଛ ଯଦି ଗୋଟେ ପ୍ରମାଣପତ୍ର କେଉଁଠୁ ଯୋଗାଡ଼କର । ଯୋଗାଡ଼ ବେଳେ ସଚ୍ଚୋଟତା ନ ରଖିଲେ ଚଳିବ ।

*-ବନମାଳୀ ଭବନ, ଖାନ୍ ନଗର, କଟକ*

*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଆଉ ଏକ ଆମ୍ରପାଳି

**ଡକ୍ଟର ସୁଲେଖା ମିଶ୍ର**

**ପ୍ରକାଶକ- କମଳା ବୁକ୍ ଏଜେନ୍ସି**

**ବାଦାମବାଡି, କଟକ-୯, ମୂଲ୍ୟ-୨୮୦ଟଙ୍କା**

ଆଉ ଏକ ଆମ୍ରପାଳି ଡକ୍ଟର ସୁଲେଖା ମିଶ୍ରଙ୍କ ଉପନ୍ୟାସ ।





ଏହି ଉପନ୍ୟାସଟିରେ ଦେବଦାସୀ ପରମ୍ପରାର ଦୁର୍ଲ୍ଲଭ ଅନୁଭବକୁ ଲେଖିକା ବର୍ଣ୍ଣନା କରିଛନ୍ତି । ଦେବଦାସୀ ପରମ୍ପରା ଆଜି ହଜିଯାଇଛି, ବିଲୁପ୍ତ ହୋଇଛି । ଏହା କେତେମାତ୍ରାରେ ଠିକ୍ କିମ୍ବା ଭୁଲ ତାହା ସମୟ କହିବ । ନାରୀ ଜାଗୃତି ଓ ପ୍ରଗତୀ ନାଁରେ ଗଣତନ୍ତ୍ର ଆଜି ବନ୍ଧାପଡିଛି ଗଣବଳାତ୍କାର ହାତରେ ବୋଲି ଲେଖିକା କ୍ଷୋଭର ସହ କହିଛନ୍ତି । ଏଥିରେ ପ୍ରଭାବତୀ ଓ ଶଶୀମଣି ଆଦି ଦେବଦାସୀଙ୍କ ପ୍ରଥା ଆଉ ପରମ୍ପରା ଇତ୍ୟାଦି ବିଷୟରେ ସେ ବର୍ଣ୍ଣନା କରିଛନ୍ତି । ଯାହା ଲୀଳାମୟ ଜଗନ୍ନାଥଙ୍କ ଇଚ୍ଛାରେ ସମ୍ଭବ ହୋଇପାରିଛି । ସେ ଠାଏ କହିଛନ୍ତି, ମୁଁ ଜଣେ ସାମାନ୍ୟ ଦେବଦାସୀଟିଏ ମହାପ୍ରଭୁଙ୍କର । ଏଇ ସୁଗନ୍ଧିତ ପୁଷ୍ପ ବାଟିକା ଭିତରେ ବଡ ଅରଖ ବଣ ଦେଖି ଧାଇଁ ଆସିଲି ତୋଳିବା ପାଇଁ । ଏଇ ଫୁଲରେ ଆମେମାନେ ପ୍ରତିଦିନ ଗଭାମଣ୍ଡନ କରୁ ମହାପ୍ରଭୁଙ୍କ ପାଖରେ ନୃତ୍ୟ ପରିବେଷଣ ସମୟରେ । ଭାବଭକ୍ତିରେ ମନେଇବା ପାଇଁ ଏଇଟା ଆମର ନିୟମ । ଏଭଳି ଅନେକ ତଥ୍ୟ ପୁସ୍ତକଟିରେ ସେ ଦେଇଛନ୍ତି । ଦେବଦାସୀ ପ୍ରଥାର ବିଭିନ୍ନ ପରମ୍ପରା ଉପରେ ଲେଖିକା ଉପନ୍ୟାସଟିରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି ; ଯାହା ପାଠକଙ୍କୁ ଆକୃଷ୍ଟ କରିବ ।

### ହଜିଲା କଥା ଖୋଜି ଆଣିଛି

**ଅଲେଖ ଚନ୍ଦ୍ର ସେଠୀ, ପ୍ରକାଶକ- ଧନେଶ୍ୱର ମହାନ୍ତ**

**ସଭାପତି ସାଂସ୍କୃତିକ ପ୍ରଗତି ଟ୍ରଷ୍ଟ, କେନ୍ଦୁଝର**

**ମୂଲ୍ୟ-୧୫୦ଟଙ୍କା**




ପୁସ୍ତକରେ ୫୧ଟି କବିତା ପ୍ରକାଶ ପାଇଛି । ଧର୍ମ କ୍ଷେତ୍ରେ କୁରୁକ୍ଷେତ୍ରେଠାରୁ ଆରମ୍ଭ ହୋଇ ଶେଷ କବିତା ସହକାରିତା ରହିଛି । କବିତାଗୁଡିକ ଗୀତିଧର୍ମୀ ହେଲେ ମଧ୍ୟ ଗାଥା ବ୍ୟଞ୍ଜକ । କବିତାଗୁଡିକରେ ସାମାଜିକ ସମାନତା ସହ ଧାର୍ମିକ ଭାବନାର ଛାପ ଦେଖିବାକୁ ମିଳିଛି । ଦଧୀଚୀଙ୍କ ସାହସ ଓ ତାଙ୍କ ଅସ୍ଥିମଜ୍ଜାର ଟାଣ ପଣରୁ ଆରମ୍ଭ ହୋଇ କବିତାଗୁଡିକ ବିନୋବା ଭାବେ, ଜୟପ୍ରକାଶ ନାରାୟଣ ଆଦିଙ୍କୁ ସ୍ପର୍ଶକରି ଚିଲିକା ପର୍ଯ୍ୟନ୍ତ ଲମ୍ବିଗଲା ପରି ଅନେକ ସୁନ୍ଦର ଚିତ୍ର ଆଙ୍କିଛନ୍ତି କବି । ଏଥିରେ ସରଳ ଭାଷା, କୋମଳ ଅଭିବ୍ୟକ୍ତି, ଭାବରେ ଦିବ୍ୟତା, ବିଷୟବସ୍ତୁ ଅବତାରଣା ଓ ମନୋଜ୍ଞ କାବ୍ୟାଳଙ୍କାର ଆଦି ବେଶ୍ ନିଆରା ଲାଗେ । ଯେଉଁ ଅନୁଭବ ଓ ଅନୁଭୂତି ସମୁହକୁ କବି କବିତା ମାଧ୍ୟମରେ ଉପସ୍ଥାପନା କରିଛନ୍ତି ତାହା ନିଶ୍ଚୟ ପଠନ ଉପଯୋଗୀ । ଏହା ନିଶ୍ଚୟ ପିଲାଙ୍କ ଚରିତ୍ର ଗଠନରେ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ ।

# କୁମ୍ଭୀର ଯାହାର ଭଉଣୀ

**ଭା**ଇ ଭଉଣୀର ସମ୍ପର୍କ ଖୁବ୍ ସୁନ୍ଦର ଓ ପବିତ୍ର। ଯାହାର ଭଉଣୀ ନ ଥାଏ ସେ ଅନ୍ୟ କାହାକୁ ଧରମ ଭଉଣୀ କରୁଥିବା ବି ଦେଖିଥିବେ। ହେଲେ କୌଣସି ବ୍ୟକ୍ତି ଏକ ହିଂସ୍ରପ୍ରାଣୀକୁ ଯେ ଭଉଣୀ କରିବେ ସେକଥା କେହି ଭାବି ନ ଥିବେ। ଜର୍ମାନୀରେ ଘଟିଛି ଏମିତି ଏକ ଘଟଣା। ଏଠି ଜଣେ ବ୍ୟକ୍ତି ଏକ ବିରାଟକାୟ ହିଂସ୍ର କୁମ୍ଭୀରକୁ ନିଜର ବଡ଼ ଭଉଣୀ କରିଛନ୍ତି। ଏହି ବ୍ୟକ୍ତିଙ୍କ ନାମ ହେଉଛି କ୍ରିଷ୍ଟିୟନ କଲିସ୍। ସେ ଜଣେ ଅବସରପ୍ରାପ୍ତ ସର୍କସ ପରଫର୍ମର। ସେ ନିଜ ଘରେ ଏକ ୮ ଫୁଟ୍ ଲମ୍ବର କୁମ୍ଭୀର ପାଳିଛନ୍ତି, ଯାହାର ନାଁ ସେ ଫ୍ରାଉ ମେୟର। ଏହି କୁମ୍ଭୀରଟି ପୂର୍ବରୁ ଦୀର୍ଘବର୍ଷ ଧରି ସର୍କସ୍‌ରେ କର୍‌ତବ ଦେଖାଉଥିଲା। କ୍ରିଷ୍ଟିୟନ ଏହି କୁମ୍ଭୀରକୁ ଖୁବ୍ ଭଲ ପାଆନ୍ତି । ତାକୁ ନିଜର ବଡ଼ ଭଉଣୀ ବୋଲି ମାନନ୍ତି। ଏହି ଦୁହିଁଙ୍କ ସମ୍ପର୍କ ବହୁତ ବର୍ଷର। କ୍ରିଷ୍ଟିୟନ ଯେତେବେଳେ ଛୋଟ ଥିଲେ ତାଙ୍କ ବାପା ସର୍କସ ପାଇଁ ଏହି କୁମ୍ଭୀର ଛୁଆକୁ ଆଣିଥିଲେ। ସେବେଠାରୁ ଏହି କୁମ୍ଭୀର କ୍ରିଷ୍ଟିୟନଙ୍କ ପରିବାରର ସଦସ୍ୟ ପାଲଟିଥିଲା। ତା'ସହ ସର୍କସରେ ସେ ଦୀର୍ଘ ୩୦ ବର୍ଷଯାଏ କରତବ୍ ଦେଖାଇଲା। ପରେ ଯେବେ ସେ ଅବସର ନେଲା ତାକୁ କ୍ରିଷ୍ଟିୟନ ଘରକୁ ନେଇ ଆସିଲେ।



ଫ୍ରାଉ ମେୟର ନାମକ ଏହି କୁମ୍ଭୀର ଏବେ କ୍ରିଷ୍ଟିୟାନଙ୍କ ଘରେ ତାଙ୍କ ସୁଇମିଂ ପୁଲରେ ରହୁଛି। କୁମ୍ଭୀର ପାଇଁ ପୁଲ୍‌ର ପାଣି ଗରମ ରଖାଯାଏ ଓ ଏଥିରେ ଥର୍ମାଲ ଲାଇଟିଂର ବ୍ୟବସ୍ଥା ବି କରାଯାଇଛି। ଯଦ୍ୱାରାକି କୁମ୍ଭୀରକୁ ତା' ଅନୁଯାୟୀ ପରିବେଶ ମିଳିବ। କ୍ରିଷ୍ଟିୟନ ସବୁଦିନ କୁମ୍ଭୀର ଫ୍ରାଉ ମେୟର ସହ ପୁଲରେ ଗାଧୋଇ ଥାଆନ୍ତି ଓ ସନ୍‌ବାଥ୍ ବି କରନ୍ତି। କ୍ରିଷ୍ଟିୟନ କୁହନ୍ତି, 'ଅନ୍ୟ ପିଲା ଯେତେବେଳେ ଖେଳଣା ସହ ଖେଳୁଥିଲେ ମୁଁ ଫ୍ରାଉ ସହ ଖେଳୁଥିଲି। ଫ୍ରାଉ ଉପରେ ମୋର ଶତ ପ୍ରତିଶତ ଭରସା। ତାକୁ ସମ୍ମାନ ବି କରେ।' କୁମ୍ଭୀର ଫ୍ରାଉର ଓଜନ ପ୍ରାୟ ୧୦୦ କି.ଗ୍ରା.। ଖାଇବାରେ ସେ ଚିକେନ ଲେଗ୍, ବିଫ୍, ମାଛ, ମୂଷା ଆଦି ଖାଏ। ଏହି କୁମ୍ଭୀର ଓ ମଣିଷର ସମ୍ପର୍କ ଦେଖିଲେ ଲାଗେ ସତରେ ପ୍ରେମ ଓ ଭଲ ପାଇବା ହିଂସ୍ରପ୍ରାଣୀଙ୍କୁ ବି ବନ୍ଧୁ ସଜାଇପାରେ।



# ପେଣ୍ଟ କଲା ଭଳି ଲାଗେ ଏହି ମାଛ

**ଆ**କ୍ୱାରିୟମ୍‌ରେ ଅନେକ ରଙ୍ଗିନ ମାଛ ଦେଖିଥିବେ। ହେଲେ ଏ ହେଉଛି ଏଭଳି ଏକ ରଙ୍ଗିନ ମାଛ, ଯାହା ଲାଗେ ସମ୍ପୂର୍ଣ୍ଣ ଅବାସ୍ତବ। ଲାଗେ ସତେ ଯେମିତି କେହି ଏହି ମାଛକୁ ବିଭିନ୍ନ ରଙ୍ଗରେ ପେଣ୍ଟ କରିଛି। ଏହି ମାଛର ଫଟୋକୁ ଦେଖି ଅନେକେ ତ କହନ୍ତି ଏହା ଅବତାର ଚଳଚ୍ଚିତ୍ରର ଏକ ଚରିତ୍ର ଭଳି ଲାଗୁଛି। ଆଉ କେହି କହନ୍ତି ଏହାକୁ ଫଟୋଶପ୍‌ରେ ଏଡିଟ୍ କରାଯାଇଛି। ଜାପାନରେ ଏହି ମାଛକୁ 'କିନୁବେଲା' କହନ୍ତି। ଆଉ ୱେଷ୍ଟର୍ନ କଣ୍ଟ୍ରିରେ ଏହାକୁ 'ସର୍ଜ ରେସ୍' କହନ୍ତି। ଆଟଲାଣ୍ଟିକ ମହାସାଗର, ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ଏହି ମାଛ ଦେଖିବାକୁ ମିଳନ୍ତି।





# କୁନି କୋଟିପତି




**ସା**ତବର୍ଷର ବାଳକ ଆଲେକ୍ସ ବଟଲର୍। ଯେଉଁ ବୟସରେ ଖେଳକୁଦରେ ସମୟ ବିତିବା କଥା, ସେଇ ବୟସରେ ସେ କୋଟିପତି ହୋଇଛନ୍ତି। ଭାବୁଥିବେ ଏତେ ଛୋଟ ପିଲା କେମିତି ଏତେ ରୋଜଗାର କଲା ? କଥା କ'ଣ କି ଗେମ୍ ଖେଳିବା ବୟସରେ ସେ ଏକ ଗେମ୍ ତିଆରି କରିଛନ୍ତି। ଯାହାକୁ ବିକ୍ରି କରି ଏବେ ସେ କୋଟିପତି ହୋଇଯାଇଛନ୍ତି। ଆମେରିକା, ସିଏଟଲରେ ରହୁଥିବା ଆଲେକ୍ସ ୭ ବର୍ଷ ବୟସରେ ଏକ କାର୍ଡ ଗେମ୍ 'ଟାକୋ ଭର୍ସେସ୍ ବରିଟୋ' ତିଆରି କରିଥିଲେ। ଆଲେକ୍ସ କମ୍ ବୟସରୁ ହିଁ ମା' ଲେସ୍‌ଲୀ ପିୟର୍ସନ ଓ ବାପା ମାର୍କ ବଟଲର୍‌ଙ୍କ ସହ ବିଭିନ୍ନ କାର୍ଡ ଗେମ୍ ଖେଳୁଥିଲେ। ନୂଆ ନୂଆ ଖେଳର ଯୋଜନା ବି କରୁଥିଲେ। ଏମିତିରେ ସେ ଏହି କାର୍ଡ ଗେମ୍ ତିଆରି କରିଥିଲେ। ପରେ ଆଲେକ୍ସ ଏହାକୁ ବିକ୍ରି କରିବାକୁ ଯୋଜନା କଲେ। ମା'ବାପା ଯେତେବେଳେ ଦେଖିଲେ ଆଲେକ୍ସ ନିଜ ଗେମ୍‌କୁ ବଜାରରେ ଦେଖିବାକୁ ସିରିୟସ୍, ସେତେବେଳେ ଦୁହେଁ ଏହାର ପ୍ରଡକ୍ସନ ପାଇଁ ଆବଶ୍ୟକୀୟ ମୋଟା ଅଙ୍କର ଟଙ୍କାକୁ କ୍ରାଉଡ ଫଣ୍ଡିଂ ମାଧ୍ୟମରେ ଯୋଗାଡ କରିବାକୁ ଲାଗିଲେ। ପ୍ରାୟ ୨୦ ଲକ୍ଷ ସଂଗ୍ରହ କରିବା ପରେ ହଟ୍ ଟାକୋ ଇନକର୍ପୋରେସନ୍ ନାମକ କମ୍ପାନୀ ଗଢିଲେ। ମାନୁଫାକ୍ଚରର ଚୟନ କଲେ ଓ ଗେମ୍‌କୁ ଆମାଜନ୍‌ରେ ୨୦ ଡଲାର ମୂଲ୍ୟରେ ବିକ୍ରି କଲେ। ଆଲେକ୍ସର ସ୍ୱପ୍ନ ସତ ହେଲା। ବଜାରରେ ତା'ର ଗେମ୍ ଉପଲବ୍ଧ ହେଲା। ଏହି ଗେମ୍‌ର ଚାହିଦା ଏତେ ରହିଲା ଯେ, ଆମାଜନ୍‌ରେ ବେଷ୍ଟ ସେଲର୍ ପାଲଟିଲା। ଆଉ ପ୍ରାୟ ୯ କୋଟି ରୋଜଗାର ହେଲା। ଏବେ ଆଲେକ୍ସଙ୍କୁ ୧୫ ବର୍ଷ ବୟସ। ଏହି ଗେମ୍‌କୁ ଏବେ ପୁଣି ସେ ଆମେରିକା କମ୍ପାନୀ ପ୍ଲେମନଷ୍ଟରକୁ ବିକ୍ରି କରିଦେଇଛନ୍ତି। ସେ ପୁଣି କୋଟି କୋଟି ଟଙ୍କାରେ।